بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: ୫

ସମ୍ପାଦକ:

କମ୍ଗୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ ବଦର

Weekly BADAR Qadian

କାଦିଆନ

Odia

ସଂଖ୍ୟା: 36

ବାର୍ଷିକ ଦେୟ : ୬୦୦/-

www.akhbarbadr.in

20 ସିଫର୍ 1445 ହି.କ, 7 ତୁବୁକ୍ 1402 ହି.ଶ 07 SEP 2023 ମସିହା


**ଅଲ୍ଲାଃତାଲାଙ୍କ ବାଣୀ**

وَمَنۡ کَانَ
فِیۡ ہٰذِہٖۤ اَعۡمٰی
فَہُوَ فِی الۡاٰخِرَۃِ اَعۡمٰی
وَاَضَلُّ سَبِیۡلًا

**(ବନି ଇସ୍ରାଇଲ୍-73)**

ଅନୁବାଦ : ଏବଂ ଯେ ଏଠାରେ (ଅର୍ଥାତ ସଂସାରରେ) ଅନ୍ଧ ହୋଇଥିବ ସେ ପରକାଳରେ ମଧ ଅନ୍ଧ ରହିବ (ଏହିପରି ଭାବରେ) ସେ ନିଜ ପନ୍ଥାରେ ସମସ୍ତଙ୍କ ଠାରୁ ଅଧିକ ପଥଭ୍ରଷ୍ଟ ହୋଇଥିବ ।

**ଅହମଦିୟା ଖବର**

ଅଲହମଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ, ନିଜର ସକଳ-ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟମଣ୍ଡିତ ହେବା ନିମନ୍ତେ ତଥା ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ହୁଜୁର୍ ଅନୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହାୟକ ହୁଅନ୍ତୁ ।

# ନବୀ ସ.ଅଙ୍କ ବାଣୀ

## ଯଦି କୌଣସି ବସ୍ତୁ (ମୂଲ୍ୟ) ନଗଦ ଆକାରରେ ପ୍ରାପ୍ତ ହୁଏ ।

(2426) ହ. ଉବୈ ବିନ୍ କାଆବ୍[ର.ଅ] ବର୍ଣ୍ଣନା କରନ୍ତି ଯେ, ମୁଁ ଏକ ମୁଣି ପାଇଲି ଯହିଁରେ ଶହେ ଅଶ୍ରଫି (ସ୍ୱର୍ଣ୍ଣମୁଦ୍ରା) ରହିଥିଲା । ମୁଁ ନବୀ କରୀମ୍ ସ.ଅଙ୍କ ନିକଟକୁ ଆସିଲି, ଆପଣ ସ.ଅ କହିଲେ: ହେ ଉବୈ ! ତୁମେ ବର୍ଷା ସାରା (ଲୋକମାନଙ୍କ ମଧ୍ୟରେ) ପାଇଥିବା ଏହି ମୁଣି ସଂପର୍କରେ ଘୋଷଣା କରୁଥାଅ । ସୁତରାଂ ମୁଁ ବର୍ଷ ସାରା ଏହି ସ୍ୱର୍ଣ୍ଣ ମୁଦ୍ରାକୁ ଚିହ୍ନାଇବା ନିମନ୍ତେ ଘୂରି ବୁଲୁଥିଲି । ତେଣୁ ମୁଁ କୌଣସି ବ୍ୟକ୍ତିକୁ ପାଇଲି ନାହିଁ ଯିଏ ଏହି ସ୍ୱର୍ଣ୍ଣ ମୁଦ୍ରାକୁ ଚିହ୍ନିଥିବ । ପୁନଶ୍ଚ ମୁଁ ଆପଣ ସ.ଅଙ୍କ ନିକଟକୁ ଆସିଲି ଆପଣ ସ.ଅ କହିଲେ, ହେ ଉବୈ ! ତୁମେ ଆଉ ଗୋଟିଏ ବର୍ଷ (ଲୋକମାନଙ୍କ ମଧ୍ୟରେ) ଏହାର ଘୋଷଣା କର ଏବଂ ଏହାକୁ ଚିହ୍ନାଇବା ନିମନ୍ତେ ପ୍ରୟାସ କରୁଥାଅ । ସୁତରାଂ ମୁଁ ଏହାକୁ ଚିହ୍ନାଇବା ପାଇଁ ପ୍ରୟାସ କଲି । ତଥାପି କୌଣସି ବ୍ୟକ୍ତିକୁ ମୁଁ ପାଇଲି ନାହିଁ ଯେ, ସେ ଏହି ମୁଣି ଓ ମୁଣିରେ ଥିବା ସ୍ୱର୍ଣ୍ଣ ମୁଦ୍ରାକୁ ଚିହ୍ନି ପାରିବ । ସୁତରାଂ ମୁଁ ତୃତୀୟ ଥର ଆଁହଜରତ ସ.ଅଙ୍କ ନିକଟୁ ଗଲି ଓ କହିଲି ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ଏହି ମୁଣିର ପ୍ରକୃତ ମାଲିକ ମୋତେ ଆଜି ପର୍ଯ୍ୟନ୍ତ ମିଳିଲା ନାହିଁ । ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, ହେ ଉବୈ ଏହି ମୁଣି ଓ ମୁଣିରେ ବନ୍ଧା ହୋଇଥିବା ଫିତା ଓ ମୋଟ୍ ପଇସାକୁ ଗଣି ଏହାକୁ ମନେରଖ । ଇତି ମଧ୍ୟରେ ଯଦି ମୁଣିର ପ୍ରକୃତ ମାଲିକ ଆସିଯାଏ ବା ମିଳିଯାଏ ତାହାହେଲେ ଭଲକଥା ଅନ୍ୟଥା ତୁମେ ତହିଁରୁ ଉପକୃତ ହୋଇଯାଅ । ସୁତରାଂ ମୁଁ ଏହି ସ୍ୱର୍ଣ୍ଣ ମୁଦ୍ରାରୁ ଉପକୃତ ହେଲି । ପୁନଶ୍ଚ ମକ୍କାରେ ମୋତେ ଏହାର ଅସଲ ମାଲିକ ମିଳିଗଲା ।

ହ. ସୟେଦ୍ ଜୈନୁଲ୍ ଆବିଦିନ୍ ବିନ୍ ୱଲିଉଲ୍ଲାଃ ଶାହ୍ ସାହେବ ଉକ୍ତ ହଦିସ୍‌ର ବ୍ୟାଖ୍ୟା କରି କୁହନ୍ତି: ତୁମକୁ ଯଦି କୌଣସି ବସ୍ତୁ ଭୂମି ଉପରେ ପଡ଼ିଥିବାର ମିଳେ ଓ ତହିଁରେ ନଗଦ ଆକାରରେ ଟଙ୍କା ଥାଏ ତେବେ ତାହାକୁ ସଂରକ୍ଷିତ କରି ରଖାଯାଇ ପାରିବ । ତେଣୁ ଯେପର୍ଯ୍ୟନ୍ତ ତା'ର ପ୍ରକୃତ ମାଲିକ ଆସିଯାଇ ନାହିଁ ସେପର୍ଯ୍ୟନ୍ତ ସେହି ନଗଦ ପତିତ ବସ୍ତୁକୁ ଉଠାଇଥିବା ବ୍ୟକ୍ତି ନିଜ ନିକଟରେ ସେହି ବସ୍ତୁକୁ ସନ୍ତକ ରୂପେ ରଖିବ । ସୁତରାଂ ଆଁହଜରତ ସ.ଅ ହ. ଉବୈ ବିନ୍ କାଆବ୍ ର.ଅଙ୍କୁ ଦୁଇ ବର୍ଷ ପରେ ନିର୍ଦ୍ଦେଶ ଦେଲେ ତାହା ଏହିପରି ଥିଲା ଯେ, ମୁଣିର (ସ୍ୱର୍ଣ୍ଣ ମୁଦ୍ରା), ଫିତାକୁ ସୁରକ୍ଷିତ ଓ ସଂରକ୍ଷିତ କରି ରଖାଯାଉ ଏବଂ ମୁଣି ମଧ୍ୟରେ ଥିବା ମୁଦ୍ରାକୁ ଗଣିନିଆଯାଉ । କାରଣ ମୁଣିର ପ୍ରକୃତ ମାଲିକ ଯେତେବେଳେ ବି ମିଳିବ ସେତେବେଳେ ସେହି ମୁଣି ଓ ଫିତାକୁ ଚିହ୍ନିବା ପରେ ମୁଣିରେ ଥିବା ସେତିକି ସ୍ୱର୍ଣ୍ଣ ମୁଦ୍ରା ବା ଟଙ୍କା ତା'କୁ ଫେରସ୍ତ କରିଦିଆଯାଉ। ଅର୍ଥାତ ଯେପର୍ଯ୍ୟନ୍ତ ସେହି ମୁଣିର ପ୍ରକୃତ ମାଲିକ ଆସିଯାଇ ନାହିଁ ସେପର୍ଯ୍ୟନ୍ତ ତହିଁରୁ ତୁମେ ଉପକୃତ ହୋଇପାରିବ । ଲୁକ୍ତା (ଅର୍ଥାତ ଭୂମି ଉପରେ ପତିତ ଥିବା ବସ୍ତୁ) ର ଏହି ରୂପଟି ସନ୍ତକ ସଦୃଶ ଅଟେ । ସେହି ସନ୍ତକକୁ ସାମୟିକ ରୂପେ ବ୍ୟବହାର କରିବା ନିମନ୍ତେ ଆଁହଜରତ ସ.ଅ ଅନୁମତି ମଧ ପ୍ରଦାନ କରିଛନ୍ତି ତାହା ପୁଣି ଦୁଇ ବର୍ଷ ପରେ । ଅର୍ଥାତ ପତିତ ପ୍ରାପ୍ତ ସନ୍ତକକୁ ଦୁଇ ବର୍ଷ ପରେ ବ୍ୟବହାର କରାଯାଇପାରିବ ଓ ତହିଁରୁ ଉପକୃତ ତଥା ଲାଭାନ୍ୱିତ ହୋଇପାରିବ ।

**(ସହିଉଲ୍ ବୁଖାରୀ, ଗ୍ରନ୍ଥ ଖଣ୍ଡ-4, କିତାବୁଲ୍ ଲିଲଲୁକ୍‌ତତୁ, ପ୍ରକାଶନ ବର୍ଷ 2008 ମମସିହା, କାଦିଆନ୍)**

## ପ୍ରତିଶୃତ ମସିହ୍[ଅ.ସ]ଙ୍କ ନିତୀବାଣୀ:-

**ମୁଁ ସର୍ବଦା ଉତ୍ସୁକ ଓ ଅଭିଳାଷୀ ଯେ, ଜମାଅତ୍‌ରେ ଏକ ପବିତ୍ର ପରିବର୍ତ୍ତନ ସୃଷ୍ଟି ହେଉ ।**

**ତୁମେମାନେ ନିଜ ମଧ୍ୟରେ ଏକ ପବିତ୍ର ପରିବର୍ତ୍ତନ ସୃଷ୍ଟି କର ଏବଂ ଏକ ନୂତନ ମନୁଷ୍ୟ ହୋଇଯାଅ, ଅତଃ ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ନିମନ୍ତେ ଏହା ଆବଶ୍ୟକ ଯେ, ସେ ସେହି ରହସ୍ୟକୁ ହୃଦୟଙ୍ଗମ କରି ଓ ନିଜ ମଧ୍ୟରେ ଏଭଳି ପରବର୍ତ୍ତନ ସୃଷ୍ଟି କରୁ ଯେ, ସେ ସ୍ୱୟଂ ଏହା କହିପାରିବ ଯେ, ମୁଁ ଆଉ ଜଣେ ବ୍ୟକ୍ତି ଅଟେ ।**

ମୁଁ ଅତ୍ୟନ୍ତ ଉତ୍ସୁକ ଓ ଅଭିଳାଷୀ ଯେ, ଜମାଅତରେ ଏକ ପବିତ୍ରେ ପରିବର୍ତ୍ତନ ସୃଷ୍ଟି ହେଉ । ମୋ ହୃଦୟରେ ନିଜ ଜମାଅତ୍‌ର ପରିବର୍ତ୍ତନର ଯେଉଁ ନକ୍ସା ରହିଛି । ତାହା ବର୍ତ୍ତମାନ ସୃଷ୍ଟି ହୋଇ ନାହିଁ । ଏହି ଅବସ୍ଥାକୁ ଦେଖି ମୋର ସେହି ଅବସ୍ଥା ହୋଇଛି । ଅର୍ଥାତ لَعَلَّکَ بَاخِعٌ نَّفۡسَکَ اَلَّا یَکُوۡنُوۡا مُؤۡمِنِیۡنَ **(ଅଶ୍ ଶୋଓରା: 4)** ଅର୍ଥାତ୍ ସେମାନେ କାହିଁକି ବିଶ୍ୱାସ ଆଣୁ ନାହାନ୍ତି ବୋଲି ତୁମେ ସମ୍ଭବତଃ ନିଜ ଜୀବନକୁ ବିନାଶମୁଖୀ କରାଇଦେବ । ତେଣୁ ମୁଁ ଚାହୁଁ ନାହିଁ ଯେ, କିଛି ଶବ୍ଦ ଶୁଆଙ୍କ ପରି ବୈଅତ୍ ସମୟରେ ଘୋଷି ନିଆଯାଉ । ତହିଁରୁ କିଛି ଲାଭ ପ୍ରାପ୍ତ ହେବ ନାହିଁ । ତେଣୁ ନିଜର ଆତ୍ମାକୁ ପବିତ୍ର ଓ ନିର୍ମଳ କରିବାର ଆବଶ୍ୟକତା ରହିଛି । ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, ମୋର ଏହି ଉଦ୍ଦେଶ୍ୟ କଦାପି ନହେଁ ଯେ, ଆମେମାନେ ଯୀଶୁ ଖ୍ରୀଷ୍ଟଙ୍କ ଜୀବନ ଓ ମୃତ୍ୟୁ ଉପରେ କଳହ କରିବୁ ଓ ବିତର୍କ କରିବୁ । ଏହା ଅତି ତୁଚ୍ଛ କଥା । କେବେଳ ଏତିକିରେ ସରିଯାଏ ନାହିଁ । ବରଂ ଏହା ତ' ଏକ ପ୍ରମାଦ ଥିଲା ଯାହାର ମୁଁ ସଂଶୋଧନ କରିଦେଲି । କିନ୍ତୁ ମୋର ଏହି କାର୍ଯ୍ୟ ଓ ମୋର ଏହି ଅଭିପ୍ରାୟ ବର୍ତ୍ତମାନ ତହିଁରୁ ବହୁ ଦୂରରେ ରହିଛି । ସୁତରାଂ ମୋର ଏହି ଅଭିପ୍ରାୟ ଯେ, ତୁମେମାନେ ନିଜ ମଧ୍ୟରେ ଏକ ପବିତ୍ର ପରିବର୍ତ୍ତନ ସୃଷ୍ଟି କର ଓ ସଂପୂର୍ଣ୍ଣ ରୂପେ ଏକ ନୂତନ ମନୁଷ୍ୟ ହୋଇଯାଅ । ଅତଃ ଅତଃ

ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ନିମନ୍ତେ ଏହା ଆବଶ୍ୟକ ଯେ, ସେ ସେହି ରହସ୍ୟକୁ ହୃଦୟଙ୍ଗମ କରି ଓ ନିଜ ମଧ୍ୟରେ ଏଭଳି ପରବର୍ତ୍ତନ ସୃଷ୍ଟି କରୁ ଯେପରିକି ସେ ସ୍ୱୟଂ ଏହା କହିପାରିବ ଯେ, ମୁଁ ଆଉ ଜଣେ ବ୍ୟକ୍ତି ଅଟେ । ମୁଁ ନିଃସନ୍ଦେହ ରୂପେ ପୁନଃ ଏହା କହିଦେଉଛି ଯେ, ଏକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ମୋ ଗହଣରେ ରହି କୌଣସି ବ୍ୟକ୍ତି ଏହା ନଭାବୁ ଯେ, ମୁଁ ଅନ୍ୟ ବ୍ୟକ୍ତି ପାଲଟି ଯାଇଛି ।

ସ୍ୱଭାବ, ବୌଦ୍ଧିକ ଅବସ୍ଥା ଏବଂ ଭାବାବେଗ ଅବସ୍ଥାର ସର୍ବୋଚ୍ଚ ସ୍ତରରେ ସ୍ୱଚ୍ଛତା ଯଦି ପ୍ରାପ୍ତ ହୋଇଯାଏ ତାହାହେଲେ ଗୋଟିଏ ପ୍ରକାରର କଥା ହିଁ ସମ୍ପାଦିତ ହେବ, ଅନ୍ୟଥା କିଛି ନୁହେଁ ମୋ କହିବାର ଅର୍ଥ ଏହା ନୁହେଁ ଯେ, ସଂସାରର କାର୍ଯ୍ୟକୁ ତୁମେମାନେ ପରିତ୍ୟାଗ କରିଦିଅ । ନା ବରଂ ଅଲ୍ଲାଃତାଲା ସାଂସାରିକ କାର୍ଯ୍ୟକୁ ବୈଧ ବୋଲି ବିବେଚିତ କରିଛନ୍ତି । କାରଣ ଏହି ସାଂସାରିକ ମାର୍ଗ (କାର୍ଯ୍ୟ) ଦ୍ୱାରା ମଧ୍ୟ ମନୁଷ୍ୟ ପରୀକ୍ଷାର ସମ୍ମୁଖୀନ ହୋଇଥାଏ ଏବଂ ଏହି ପରୀକ୍ଷା ଯୋଗୁଁ ମନୁଷ୍ୟ ଚୋର, ଦ୍ୟୁତକାର (ଜୁଆଡ଼ି), ଠକ, ଖଣ୍ଡ, ଡକାୟତ୍ ଆଦି ପାଲଟି ଯାଇଥାଏ । ସେ ନାନା ପ୍ରକାରର କୁଅଭ୍ୟାସ ତଥା କୁପନ୍ଥାକୁ ଆପଣାଇ କରିନେଇଥାଏ । କିନ୍ତୁ ପ୍ରତ୍ୟେକ କାର୍ଯ୍ୟ ଓ ପ୍ରତ୍ୟେକ ବସ୍ତୁର ଏକ ନିର୍ଦ୍ଦିଷ୍ଟ ସୀମା ରହିଛି । ସାଂସାରିକ କାର୍ଯ୍ୟକୁ ସେହି ପର୍ଯ୍ୟନ୍ତ ଅବଲମ୍ବନ କର ଯେପର୍ଯ୍ୟନ୍ତ କି ତାହା ଧର୍ମ ମାଗରେ ତୁମ ନିମନ୍ତେ ସହାୟକ ମାଧ୍ୟମ ସୃଷ୍ଟି କରିପାରିବ । ପ୍ରତ୍ୟେକ କାର୍ଯ୍ୟ ଓ ପ୍ରତ୍ୟେକ ପ୍ରସଙ୍ଗର ମୂଳ ଅଭିପ୍ରାୟ ଧର୍ମ ହେବା ଉଚିତ । ସୁତରାଂ ମୁଁ ସାଂସାରିକ କାର୍ଯ୍ୟ କରିବାକୁ ମଧ୍ୟ ବାରଣ କରୁ ନାହିଁ ଓ ଏହା ମଧ୍ୟ କହୁ ନାହିଁ ଯେ, ଦିନ ରାତି ତୁମେମାନେ ସାଂସାରିକ ବ୍ୟାପାର ଓ ଜଞ୍ଜାଳରେ ନିମଜ୍ଜିତ ହୋଇ ଈଶ୍ୱରାଳୟକୁ ବି ସାଂସାରିକତା ଦ୍ୱାରା ପରିପୂର୍ଣ୍ଣ କରିଦିଅ । ଯଦି କୌଣସି ବ୍ୟକ୍ତି ଏପରି କାର୍ଯ୍ୟ କରେ ତେବେ ସେହି ବ୍ୟକ୍ତି ବଞ୍ଚିତ ହେବାର କାରଣକୁ ଏକତ୍ରିତ କରିଥାଏ ଓ ତା'ର ତୁଣ୍ଡରୁ ନିର୍ଗତ ବଚନ କେବଳ ଦାବି ହୋଇ ରହିଯାଇଥାଏ । ସୁତରାଂ ତୁମେମାନେ ଜୀବନ୍ତ ବ୍ୟକ୍ତିଙ୍କ ସାହଚର୍ଯ୍ୟତ୍ୱରେ ରୁହ । କାରଣ ସେମାନଙ୍କ ମାଧ୍ୟମରେ ଜୀବନ୍ତ ଈଶ୍ୱରଙ୍କ ଚମତ୍କାରମୂଳକ ନିଦର୍ଶନ ତୁମମାନଙ୍କୁ ଦୃଶ୍ୟମାନ ହେଉ ।

(ମଲଫୁଜାତ୍ ଭାଗ-1, ପୃ-478, ପ୍ରକାଶନ ବର୍ଷ-2018 ମସିହା, ସ୍ଥାନ-କାଦିଆନ୍)

جَآءَ الۡحَقُّ وَزَهَقَ الۡبَاطِلُ ؕ اِنَّ الۡبَاطِلَ کَانَ زَهُوۡقًا

**"ସତ୍ୟ ଆସିଯାଇଛି ଓ ଅସତ୍ୟତା ଲୋପ ହୋଇଯାଇଛି"**

**ଯେତେବେଳେ ମକ୍କା ବିଜୟ ହେଲା ଓ ଖାନା କାବାରେ ରଖାଯାଇଥିବା ପିତୁଳାଗୁଡ଼ିକୁ ଭାଙ୍ଗି ଚୁରମାର କରି ଫୋପାଡ଼ି ଦିଆଗଲା ସେତେବେଳେ ରସୁଲ୍ କରୀମ୍ ସ.ଅ ଉପରୋକ୍ତ ଆୟତ୍ ପାଠ କରି ଚାଲିଥିଲେ । ରସୁଲ୍ କରୀମ୍ ସ.ଅଙ୍କୁ ଉପରୋକ୍ତ ଆୟତ୍ ପାଠ କରୁଥିବାର ଦେଖି ସାହାବାମାନେ କିପରି ତାଳ ଓ ଲୟର ସହିତ ଉକ୍ତ ଆୟତ୍‌କୁ ପାଠ କରୁଥିବେ, କିପରି ସେମାନଙ୍କ ବିଶ୍ୱାସ ପ୍ରତ୍ୟେକ ମୁହୂର୍ତ୍ତ ଓ ପ୍ରତ୍ୟେକ ମିନିଟ୍ ପାଠ କରୁଥିବେ ? ଏହାର ଆକଳନ ସାହାବାମାନଙ୍କର ଅଭିରୁଚିରୁ ହିଁ କରାଯାଇପାରିବ ।**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍[ର.ଅ] ସୁରାଃ ବନି ଇସ୍ରାଇଲ୍‌ର 82 ନଂ ଆୟତ୍ وَقُلۡ جَآءَ الۡحَقُّ وَزَهَقَ الۡبَاطِلُ ؕ اِنَّ الۡبَاطِلَ کَانَ زَهُوۡقًا ର ବ୍ୟଖ୍ୟା କରି କୁହନ୍ତି: ଉକ୍ତ ଆୟତ୍‌ରେ ଏହା ଇଙ୍ଗିତ କରାଯାଇଛି ଯେ, ମଦିନାର ଜୀବନ ପ୍ରାରମ୍ଭ ହେବା ସହିତ ଆଁହଜରତ ସ.ଅଙ୍କ ଶକ୍ତି ଦୃଢ଼ ଓ ବୃଦ୍ଧି ହୋଇଯିବ ଏବଂ ଶତ୍ରୁର ଶକ୍ତି ଦୁର୍ବଳ ଓ କ୍ଷୀଣ ତଥା ଶକ୍ତିହୀନତାର ସାଧାନ ସୃଷ୍ଟି ହୋଇଯିବ । ପରିଶେଷରେ ଅସତ୍ୟ କ୍ରମଶଃ ଦୁର୍ବଳ ହୋଇ ନିଶ୍ଚିହ୍ନ ହୋଇଯିବ ଏବଂ ମକ୍କାର ବିଜୟ ସମୟରେ ଆରବରୁ ପିତୁଳା ପୂଜା ସଂପୂର୍ଣ୍ଣ ରୂପେ ଉଚ୍ଛେଦ କରିଦିଆଯିବ । ପବିତ୍ର କୁରଆନ୍ କରୀମ୍‌ର ଏହା ହେଉଛି ଅଦୃଷ୍ଟାନ୍ତନୀୟ ଚମତ୍କାର ଯେ, କୁରଆନ୍ ପ୍ରତ୍ୟେକ ଅବସର ପାଇଁ ଏପରି ଶବ୍ଦ ଚୟନ କରିଥାଏ ଯାହାକି ଦୀର୍ଘ ସମ୍ବଳିତ ବଷୟବସ୍ତୁ ସଂକ୍ରାନ୍ତରେ ସୂଚାଏ । ଉକ୍ତ ଆୟତ୍‌ରେ زَهَقَ ର ଯେଉଁ ଶବ୍ଦ ବ୍ୟବହୃତ ହୋଇଛି ସେହି ସ୍ଥାନରେ بَطَلَ ଓ هَلَكَ ଆଦି ଶବ୍ଦ ମଧ୍ୟ ବ୍ୟବହାର କରାଯାଇପାରି ଥାଆନ୍ତା । କିନ୍ତୁ ତହିଁରୁ ଅସତ୍ୟର ବିନାଶର ସେହି କ୍ରମିକତାର ଅବବୋଧ ହୋଇପାରି ନଥାଆନ୍ତା ଯାହାକି زَهَقَ ର ଅର୍ଥ ଦୁର୍ବଳ ହୋଇଯିବା ଏବଂ ବିନାଶ ହୋଇଯିବାକୁ ସୂଚାଏ । ସେହିପରି ମକ୍କାବାସୀ ସହସା ବିଧ୍ୱସ୍ତ ହୋଇଯାଇଥିଲେ ତାହା ନୁହେଁ । ବରଂ ସେମାନେ ଧୀରେ ଧୀରେ ଦୁର୍ବଳ ହେବାକୁ ଲାଗିଲେ, ପୁନଶ୍ଚ କ୍ରମଶଃ ସେହି ସମୟଟି ଆସିଗଲା ଯେତେବେଳେ ସେମାନେ ସଂପୂର୍ଣ୍ଣ ରୂପେ ନିଶ୍ଚିହ୍ନ ହୋଇଗଲେ । ସୁତରାଂ زَهَقَ ଶବ୍ଦରେ ବିନାଶର ବିସ୍ତୃତ ବବରଣୀ ମଧ୍ୟ ପ୍ରଦାନ କରାଯାଇଛି । ଯେତେବେଳେ ମକ୍କା ବିଜୟ ହେଲା ଓ ଖାନା କାବାରେ ରଖାଯାଇଥିବା ପିତୁଳାଗୁଡ଼ିକୁ ଭାଙ୍ଗି ଚୁରମାର କରି ଫୋପାଡ଼ି ଦିଆଗଲା ସେତେବେଳେ ରସୁଲ୍ କରୀମ୍ ସ.ଅ ଉପରୋକ୍ତ ଆୟତ୍ ପାଠ କରି ଚାଲିଥିଲେ ଓ ଗୋଟିଏ ଗୋଟିଏ ପିତୁଳା ବା ମୂର୍ତ୍ତି ଉପରେ ପ୍ରହାର କରି କହି ଚାଲିଥିଲେ, قُلۡ جَآءَ الۡحَقُّ وَزَهَقَ الۡبَاطِلُ ؕ اِنَّ الۡبَاطِلَ کَانَ زَهُوۡقًا ଏହା ହେଉଛି ପବିତ୍ର କୁରଆନ୍ କରୀମ୍‌ର ଚମତ୍କାର ଓ ଅଲୌକିକତା ଯେ, ପବିତ୍ର କୁରଆନ୍ ପ୍ରତିମାଗୁଡ଼ିକୁ ଦୂରୀଭୂତ କରାଯିବା ସମୟ ସଂପର୍କରେ ଯେଉଁ ଆୟତ୍ ଉପସ୍ଥାପିତ କରିଛି ତାହା କବିତା ପରି ଯଥୋଚିତ ଅଟେ । ଏହି ପ୍ରକାରର ପ୍ରସନ୍ନତାର ଅବସର ମନୁଷ୍ୟ ସ୍ୱଭାବକୁ କବିତା ଆଡ଼କୁ ଆସକ୍ତ କରିଥାଏ । ପବିତ୍ର କୁରଆନ୍ କବିତା ନୁହେଁ କିନ୍ତୁ ତାହାର ଆୟତ୍‌ର କେତେକ ପଂକ୍ତି କବିତା ପରି ଉପଯୁକ୍ତ ତଥା ଔଚିତ୍ୟତା ସମ୍ବଳିତ ଅଟେ । ଉପରୋକ୍ତ ଆୟତ୍‌ର ପ୍ରାରମ୍ଭରେ ଥିବା قُلۡ ଶବ୍ଦକୁ ଯଦି ହଟାଇ ଦିଆଯାଏ ତେବେଓ ତାହା କବିତା ପରି ଔଚିତ୍ୟ ସମ୍ବଳିତ ହୋଇଯାଇଥାଏ । جَآءَ الۡحَقُّ وَزَهَقَ الۡبَاطِلُ ର ଏକ ପଂକ୍ତି ଓ اِنَّ الۡبَاطِلَ کَانَ زَهُوۡقًا ର ଦ୍ୱତୀୟ ପଂକ୍ତି ହେବ । ତେଣୁ قُلۡ ଏହାକୁ କବିତାର ପରିଭାଷାରୁ କାଢିଦେଲା । କିନ୍ତୁ ଯେତେବେଳେ କବିତା ପଢ଼ିବାର ସମୟ ଆସିଲା ସେତେବେଳେ ଯଦିଓ ଉକ୍ତ ଆୟତ୍‌କୁ କୁଲ୍ ବ୍ୟତୀତ ପାଠ କରାଯିବାର ଥିଲା , ତେବେ ଉକ୍ତ ଆୟତ୍ ନିଜର ଭବ୍ୟତା ତଥା ଚମତ୍କାରିତା ଅର୍ଥ ବ୍ୟତୀତ ଏକ ଔଚିତ୍ୟ ବାଣୀର କାର୍ଯ୍ୟ ମଧ୍ୟ କରିଥାଏ । ତେଣୁ ତାହା ସଠିକ୍ ପ୍ରସନ୍ନ ଅବସ୍ଥାନୁଯାୟୀ ଥିଲା ।ଅର୍ଥାତ୍ جَآءَ الۡحَقُّ وَزَهَقَ الۡبَاطِلُ ؕ اِنَّ الۡبَاطِلَ کَانَ زَهُوۡقًا ରସୁଲ୍ କରୀମ୍ ସ.ଅଙ୍କୁ ଉପରୋକ୍ତ ଆୟତ୍ ପାଠ କରୁଥିବାର ଦେଖି ସାହାବାମାନେ କିପରି ତାଳ ଓ ଲୟର ସହିତ ଉକ୍ତ ଆୟତ୍‌କୁ ପାଠ କରୁଥିବେ ଓ କିପରି ସେମାନଙ୍କ ବିଶ୍ୱାସ ପ୍ରତ୍ୟେକ ମୁହୂର୍ତ୍ତ ଓ ପ୍ରତ୍ୟେକ ମିନିଟ୍ ପାଠ କରୁଥିବେ ? ଏହାର ଆକଳନ ସାହାବାମାନଙ୍କର ଅଭିରୁଚିରୁ ହିଁ କରାଯାଇପାରିବ ।

(ତଫସିର୍ କବିର୍, ଭାଗ-4, ପୃ-377, ପ୍ରକାଶନ ସ୍ଥାନ-କାଦିଆନ୍, 2010 ମସିହା)

**ଗତ ଶୁମାରା (ସଂଖ୍ୟା) 35ର ଅବଶିଷ୍ଟାଂଶ......**

**ପୃ 2 ଓ 12 ରେ ବର୍ଣ୍ଣିତ ବିଷୟ ବସ୍ତୁ (ମୁନସିଫ୍ ଖବର କାଗଜରେ ଅହେମଦିମାନଙ୍କୁ କାଫିର ବିବେଚିତ କରିବା ନିମନ୍ତେ ହୀନ ପ୍ରୟାସ)**

ୱକ୍‌ଫ୍ ବୋର୍ଡ଼ ଅହେମଦିମାନଙ୍କୁ ମୁସଲମାନ ବୋଲି ମନେକରି ନଥିଲା ଏବଂ ଅହେମଦିମାନଙ୍କୁ ଅବଜ୍ଞାକାରୀ (କାଫିର) ବୋଲି ବିବେଚିତ କରିଥିଲା । ଯାହାକି ୱକ୍‌ଫ୍‌ର ନିୟମ ବିରୁଦ୍ଧୀୟ ଅଟେ । ତେଣୁ ମୁସଲମାନମାନଙ୍କୁ ଏହା ସ୍ୱୀକାର କରିବାକୁ ବାଧ୍ୟ କରାଯାଉ ଯେ, ଅହେମଦିମାନେ ମଧ୍ୟ ମୁସଲମାନ ଅଟନ୍ତି । ସଂଖ୍ୟାଲଘୁ ଉନ୍ନୟନ ମନ୍ତ୍ରାଳୟରେ କରାଯାଇଥିବା ବୈଠକରେ 2012 ମସିହାରେ ଅବିଭାଜିତ ଆନ୍ଧ୍ରପ୍ରଦେଶର ୱକ୍‌ଫ୍ ବୋର୍ଡ଼ ପକ୍ଷରୁ ସ୍ୱୀକୃତ ପ୍ରାପ୍ତ ପ୍ରସ୍ତାବ ପ୍ରାମାଣ୍ୟ ଉପସ୍ଥାପିତ କରାଯାଇଛି । ଯହିଁରେ ବୋର୍ଡ଼ ମିର୍ଜା ଗୁଲାମ୍ ଅହେମଦ କାଦିଆନୀଙ୍କ ଅନୁଗାମୀମାନଙ୍କୁ ମୁସଲମାନ ରୂପେ ସ୍ୱୀକାର କରି ନଥିଲା ଏବଂ ୱକ୍‌ଫ୍ ବୋର୍ଡ଼ରେ ଉଲ୍ଲିଖିତ କାଦିଆନୀ ସମ୍ପତ୍ତିଗୁଡ଼ିକୁ ଖାରଜ କରିଦେଇଥିଲା । ସ୍ମରଣ ରହୁ କି ମୁଜେହିଦେ ମିଲ୍ଲତ୍ (ଧର୍ମଯୋଦ୍ଧା) ମୌଲାନା ଗୁଲାମ୍ ଅଫ୍‌ଜଲ୍ ବୟାବାନି ଅଲମାରୁଫ୍ ଖୁସ୍ରୋପାଶାଙ୍କ ସଭାପତିତ୍ୱରେ ୱକ୍‌ଫ୍ ବୋର୍ଡ଼ ଏହି ଐତିହାସିକ ପ୍ରସ୍ତାବକୁ ସର୍ବସମ୍ମତି କ୍ରମେ ସ୍ୱୀକୃତି ପ୍ରଦାନ କରିଥିଲେ । କିନ୍ତୁ ଦୁର୍ଭାଗ୍ୟବଶତଃ ସଦର ଅଞ୍ଜୁମନ୍ ଅହେମଦିୟା ଉକ୍ତ ପ୍ରସ୍ତାବର ବିରୁଦ୍ଧରେ ହାଇକୋର୍ଟକୁ ଯାଇ ରହିତାଦେଶ ପ୍ରାପ୍ତ କରିଥିଲା ଓ ଏହି ଆବେଦନଟି ଅଦ୍ୟାବଧି ବୁଝାମଣା ଅଧୀନ ହୋଇ ରହିଛି । ଉକ୍ତ ପ୍ରତିନିଧିତ୍ୱକୁ ଆୟୁଦ୍ଧ କରି (ଅବଶିଷ୍ଟାଂଶ ........ପୃ- 12ରେ )

# (ଖୁତ୍‌ବା ଜୁମା)

ତୁମେ ଏହା ଭାବ ନାହିଁ ଯେ, ଭଗବାନ ତମକୁ ଅବକ୍ଷୟ ହେବାକୁ ଦେବେ । ନା, ବରଂ ତୁମେ ପ୍ରଭୁଙ୍କ ହସ୍ତର ଏକ ବୀଜ ବା ବିହନ ପରି ଅଟ ଯାହାକୁ ପ୍ରଭୁ ଭୂମିରେ ବପନ କରିଛନ୍ତି ।

ପରମେଶ୍ୱର କୁହନ୍ତି ଯେ, ଉକ୍ତ ବୀଜଟି ଅଙ୍କୁରିତ ହେବ, ବୃଦ୍ଧି ପାଇବ ଏବଂ ପ୍ରତ୍ୟେକ ପାର୍ଶ୍ୱରୁ ଏହାର ଶାଖା ପ୍ରଶାଖାମାନ ବାହାରିବ ଏବଂ ଏହା ବିଶାଳ ବୃକ୍ଷରେ ପରିଣତ ହେବ ।

ପବିତ୍ରବାନ୍ ହେଉଛି ସେହି ବ୍ୟକ୍ତି ଯିଏ ଈଶ୍ୱରଙ୍କ ବାଣୀ ଉପରେ ବିଶ୍ୱାସ ରଖୁଛି ଏବଂ ମଝିରେ ଆସୁଥିବା ବିପତ୍ତିକୁ ଭୟ କରୁ ନାହିଁ । କାରଣ ବିପତ୍ତିର ଆସିବା ମଧ୍ୟ ଆବଶ୍ୟକ ଅଟେ । କାରଣ ଅଲ୍ଲାଃତାଲା ତୁମମାନଙ୍କୁ ପରୀକ୍ଷା କରି ଦେଖିବେ ।"

ବିଗତ ଦିନ ଆଫ୍ରିକା ମହାଦେଶର ବୁର୍କିନାଫାସୋରେ ପ୍ରେମ, ବିଶ୍ୱସ୍ତତା, ନୈଷ୍ଠିକ, ବିଶ୍ୱାସ ଓ ଆସ୍ଥାରେ ପରିପୂର୍ଣ୍ଣ ଜମାଅତ୍‌ର ସଦସ୍ୟବୃନ୍ଦ ଯେଉଁ ଅପୂର୍ବ ସାମଗ୍ରିକ ଉଦାହରଣ ପ୍ରଦର୍ଶନ କରିଛନ୍ତି ତାହା ଅଭୂତପୂର୍ବ ଓ ଅନନ୍ୟ ଅଟେ ।

ଅଲ୍ଲାଃତାଲାଙ୍କ ମାର୍ଗର ନିଜ ଜୀବନର ବଳିଦାନ ଦେବା କେବଳ ନିଜ ପାଇଁ ନୁହେଁ ବରଂ ସଂପୂର୍ଣ୍ଣ ଜମାଅତ୍‌ର ଜୀବନର ମଧ୍ୟ ଏକ କାରଣ ସାଜୁଛି । ଏହି ବଳିଦାନ ହିଁ ପଛରେ ରହିଯାଉଥିବା ବ୍ୟକ୍ତିମାନଙ୍କ ନିମନ୍ତେ ଉନ୍ନତିର ମାଧ୍ୟମ ପାଲଟୁଛି । ଅତଃ ସେମାନେ କିପରି ମୃତ୍ୟୁବରଣ କରିପାରିବେ ?

ଜାନୁଆରୀ ମାସ 11 ତାରିଖ ଦିନ ଇଶା ନମାଜ ସମୟରେ ୨ ଜଣ ବରିଷ୍ଠ ଅହେମଦିଙ୍କୁ ମସ୍‌ଜିଦ୍‌ର ପ୍ରାଙ୍ଗଣରେ ଅନ୍ୟ ନମାଜ ପାଠକାରୀଙ୍କ ସମ୍ମୁଖରେ, ଇସଲାମ୍ ଅହେମଦିୟତରୁ ପ୍ରତ୍ୟାଖ୍ୟାନ ନକରିବା ହେତୁ ଜଣ ଜଣ କରି ଅତ୍ୟନ୍ତ ନିର୍ମମ ଓ ନୃଶଂସନୀୟ ଭାବରେ ଶହୀଦ୍ କରିଦିଆଗଲା । إِنَّا لِلّٰهِ وَإِنَّآ إِلَيْهِ رٰجِعُوْنَ ।

ଆପଣାମନେ ଯଦି ମୋର ସ୍କନ୍ଧଚ୍ୟୁତ କରିବାକୁ ଚାହୁଁଛନ୍ତି ତେବେ ନିଃଶଙ୍କୋଚ କରି ଦିଅନ୍ତୁ । କିନ୍ତୁ ମୁଁ ଅହେମଦିୟତ୍ ପରିତ୍ୟାଗ କରିପାରିବି ନାହିଁ । ମୁଁ ଯେଉଁ ସତ୍ୟତାକୁ ପ୍ରାପ୍ତ କରି ନେଇଛି ତହିଁରୁ ପଶ୍ଚାତ୍ ପଦ ହେବା ସମ୍ଭବପର ନୁହେଁ । ବିଶ୍ୱାସ ତୁଳନାରେ ଜୀବନର କୌଣସି ମୂଲ୍ୟ ନାହିଁ ।

ସମସ୍ତ ବରିଷ୍ଠ ଅହେମଦିମାନେ ପର୍ବତ ପରି ଅବିଚଳତା ପ୍ରଦର୍ଶନ କରି, ସାହାସିକତାର ସହିତ ସେହି ଶାହାଦତ୍‌କୁ ଆଲିଙ୍ଗନ କରିବାକୁ ସ୍ୱୀକାର କଲେ । କୌଣସି ଜଣେ ବ୍ୟକ୍ତି ମଧ୍ୟ ଦୁର୍ବଳତା ପ୍ରଦର୍ଶନ କଲେ ନାହିଁ ଓ ନା ହିଁ ଅହେମଦିୟତରୁ ଓହରି ଯିବାକୁ ସ୍ୱୀକାର କଲେ । ଗୋଟିଏ ପରେ ଗୋଟିଏ ଅହେମଦି ଶହୀଦ୍ ହୋଇ ତଳେ ପଡ଼ିଗଲେ । କିନ୍ତୁ କାହାରି ବିଶ୍ୱାସରେ ବିଚଳତା ହେଲା ନାହିଁ । ସମସ୍ତେ ପ୍ରତିସ୍ୱର୍ଦ୍ଧିତ ହୋଇ ଅବିଚଳତାମୂଳକ ବିଶ୍ୱାସ ପ୍ରଦର୍ଶନ କଲେ ଓ ବିଶ୍ୱାସର ଧ୍ୱଜା ଉର୍ଦ୍ଧ୍ୱରେ ରଖି ଅଲ୍ଲାଃତାଲାଙ୍କ ନିକଟରେ ନିଜର ପ୍ରାଣାବଳୀ ଉପସ୍ଥାପିତ କରିଦେଲେ ।

ବୁର୍କିନାଫାସୋ ଅନ୍ତର୍ଗତ ମେହଦୀଆବାଦ୍‌ର ତମାଶୁକ୍ ବାସୀନ୍ଦା ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ବୈଅତ୍ କରିବାରେ ଆଗେଇ ଗଲେ ଏବଂ ବର୍ତ୍ତମାନ ଏତେ ବଡ଼ ବଳିଦାନ ଦେଇ ନିଜର ଏକ ବିଶେଷ ସ୍ଥାନ ମଧ୍ୟ ପ୍ରାପ୍ତ କରିନେଇଛନ୍ତି ।

ହ.ମସିହ୍ ମଉଦ୍ ଅ.ସ ହ. ସାହିବଜାଦ୍ ମିର୍ଜା ଅବଦୁଲ୍ ଲତିଫ୍ ସାହେବ ଶହୀଦ୍‌ଙ୍କ ଶାହାଦତ୍‌ର ଚର୍ଚ୍ଚା କରି କହିଲେ, "ଅଲ୍ଲାଃତାଲା ସେମାନଙ୍କ ସ୍ଥାନରେ ଅନେକ ପ୍ରତିସ୍ଥାନିକ ବଳିଦାନକାରୀ ବ୍ୟକ୍ତି ସୃଷ୍ଟି କରିବେ ।" ଆମେମାନେ ସାକ୍ଷୀ ରହିଛୁ ଯେ, ଆଜି ଆଫ୍ରିକାର ଅଧିବାସୀମାନଙ୍କୁ ସାମୂହିକ ରୂପେ ଏହାର ନମୁନା ପ୍ରଦର୍ଶନ କରିଛନ୍ତି ଏବଂ ପ୍ରତିସ୍ଥାନିକତ୍ୱର ଅଧିକାର ସାବ୍ୟସ୍ତ କରିଦେଇଛନ୍ତି ।

ବୁର୍କିନାଫାସୋର ଲୋକମାନେ ବାସ୍ତବରେ ମହାନ ଅଟନ୍ତି ଏବଂ ମୁଁ ଆନନ୍ଦ ସହକାରେ କହୁଛି ଯେ, ସେମାନଙ୍କୁ ଅହେମଦିୟାରେ ଜ୍ୟୋତିରୁ ଆଲୋକିତ କରାଯାଇଛି । ଜମାଅତ୍ ଅହେମଦିୟା ବୁର୍କିନାଫାସୋରେ ଯେଉଁ ଜାଗରୁକତା ଅବଲୋକନ କରିଛି ତାହା ଅନନ୍ୟ ଓ ଅଭୂତପୂର୍ବ ଅଟେ ।

ଏମାନେ ହେଉଛନ୍ତି ଅହେମଦିୟତ୍‌ର ଜାଜ୍ୱଲ୍ୟମାନ ତାରକା । ଯେଉଁମାନେ ନିଜ ପଛରେ ଆଦର୍ଶ ଛାଡ଼ି ଯାଇଛନ୍ତି । ଅଲ୍ଲାଃତାଲା ସେମାନଙ୍କର ସନ୍ତାନ ସନ୍ତତିଙ୍କୁ ମଧ୍ୟ ନିଷ୍ଠା ଓ ବିଶ୍ୱସ୍ତତାର ଅଭିବୃଦ୍ଧି ପ୍ରଦାନ କରନ୍ତୁ । ଶତ୍ରୁ ଭାବୁଛି ଯେ, ସେହି ନିରୀହ ଅହେମଦିମାନଙ୍କୁ ଶହୀଦ୍ କରିଦେଲେ ସେହି ଅଞ୍ଚଳରୁ ଅହେମଦିୟତ୍ ସମାପ୍ତ ହୋଇଯିବ ତାହା ନୁହେଁ । ବରଂ ଇନ୍‌ଶାଅଲ୍ଲାଃ ପୂର୍ବାପେକ୍ଷା ଅଧିକ ଏଠାରେ ଅହେମଦିଅତ୍ ବୃଦ୍ଧିପାଇବ ଓ ପ୍ରସାରିତ ହେବ ।

ଅଲ୍ଲାଃତାଲା ସେହି ଶୋହଦା (ବୀରଗତି ପ୍ରାପ୍ତ କର୍ତ୍ତା ବ୍ୟକ୍ତି)ମାନଙ୍କର ସ୍ତରକୁ ବୃଦ୍ଧି କରନ୍ତୁ । ସେମାନଙ୍କର ବଳିଦାନ ବୃଥା ନଯାଇ ପୁଷ୍ପ ଓ ଫଳ ବୃକ୍ଷରେ ଲାଗୁ । ଫଳତଃ ହ. ମୁହମ୍ମଦ ସ.ଅଙ୍କ ପ୍ରକୃତ ଶିକ୍ଷାକୁ ଯଥାଶୀଘ୍ର ସଂସାରରେ ପ୍ରସାରିତ ହେଉଥିବାର ଆମେମାନେ ସ୍ୱଚକ୍ଷୁରେ ଅବଲୋକନକାରୀ ବ୍ୟକ୍ତି ହୋଇପାରିବୁ । ନିରକ୍ଷରତା ପୃଥିବୀରୁ ସମାପ୍ତ ହେଉ ଓ ଏକେଶ୍ୱରବାଦ ପ୍ରଭୁଙ୍କର ପ୍ରକୃତ ସମ୍ରାଟତ୍ୱ ସ୍ଥାପିତ ହେଉ।

ବୁର୍କିନାଫାସୋରେ ୨ ଜଣ ଅହେମଦିଙ୍କ ଶାହାଦତ୍, ସେହିପରି ଡ଼ଃ. କରୀମୁଲ୍ଲାଃ ଜେର୍‌ୱୀ ସାହେବ ଓ ତାଙ୍କର ପତ୍ନୀ ସମ୍ମାନନୀୟା ଅମତୁଲ୍ ଲତିଫ୍ ସାହେବ ଅଫ୍ ଅମେରିକାଙ୍କ ଉତ୍ତମ ଚର୍ଚ୍ଚ ତଥା ନମାଜ ଯନାଜାଃ ଗାଏବ୍ ।

ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 20 Jan 2023 ମସିହା ଅନୁଯାୟୀ ୨୦ ସୁଲହ୍ / ୧୪୦୨ସ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ
رَسُوْلُهٗ. أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ. بِسْمِ اللّٰهِ الرَّحْمٰنِ الرَّحِيْمِ.
اَلْحَمْدُ لِلّٰهِ رَبِّ الْعٰلَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. إِيَّاكَ نَعْبُدُ وَإِيَّاكَ
نَسْتَعِيْنُ. اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ
عَلَيْهِمْ وَلَا الضَّآلِّيْنَ.
وَلَا تَقُوْلُوْا لِمَنْ يُّقْتَلُ فِيْ سَبِيْلِ اللّٰهِ أَمْوَاتٌ ۭ بَلْ أَحْيَآءٌ وَّلٰكِنْ لَّا تَشْعُرُوْنَ.
وَلَنَبْلُوَنَّكُمْ بِشَيْءٍ مِّنَ الْخَوْفِ وَالْجُوْعِ وَنَقْصٍ مِّنَ الْأَمْوَالِ وَالْأَنْفُسِ وَالثَّمَرٰتِ ۭ وَبَشِّرِ
الصّٰبِرِيْنَ. الَّذِيْنَ إِذَآ أَصَابَتْهُمْ مُّصِيْبَةٌ ۙ قَالُوْٓا إِنَّا لِلّٰهِ وَإِنَّآ إِلَيْهِ رٰجِعُوْنَ.

**(ଅଲ୍ ବକରାହ୍: 155-157)**

ଅର୍ଥାତ ଯେଉଁମାନେ ଅଲ୍ଲାଃତାଲାଙ୍କ ମାର୍ଗରେ ନିହତ ହୁଅନ୍ତି ସେମାନଙ୍କ ସଂକ୍ରାନ୍ତରେ ତୁମେମାନେ ଏହା କୁହ ନାହିଁ ଯେ, ସେମାନେ ମୃତ । ସେମାନେ ମୃତ ନୁହନ୍ତି ବରଂ ଜୀବିତ ଅଛନ୍ତି । କିନ୍ତୁ ତୁମେମାନେ ବୁଝିପାରୁ ନାହଁ । ଏବଂ ଆମ୍ଭେ ତୁମମାନଙ୍କୁ କିଛି ଭୟ, କ୍ଷୁଧା ଦ୍ୱାରା ଏବଂ ଧନ, ଜୀବନ ତଥା ଫଳ ହାନୀ ମାଧ୍ୟମରେ ଅବଶ୍ୟ ପରୀକ୍ଷା କରିବୁ । ହେ ରସୁଲ ! ତୁମ୍ଭେ ସେହି ଧୈର୍ଯ୍ୟଶାଳୀମାନଙ୍କୁ ସୁସମାଚାର ପ୍ରଦାନ କରିଦିଅ । ଯେଉଁମାନଙ୍କ ଉପରେ ଯେତେବେଳେ ବି କୌଣସି ବିପଦ ଆପଦ ଆସେ ସେତେବେଳେ ସେମାନେ ଭୟଭୀତ ହୁଅନ୍ତି ନାହିଁ ବରଂ ଏହା କୁହନ୍ତି ଯେ, ଆମେମାନେ ତ' ଅଲ୍ଲାଃତାଲାଙ୍କର ଅଟୁ ଓ ତାହାଙ୍କ ନିକଟକୁ ହିଁ ଫେରିଯିବୁ ।

ଅଲ୍ଲାଃତାଲାଙ୍କ ମାର୍ଗରେ ପ୍ରାଣାହୁତି ଉପସ୍ଥାପିତକାରୀଙ୍କ ସଂପର୍କରେ ଅଲ୍ଲାଃତାଲାଙ୍କର ଏହି ଆଦେଶ ରହିଛି ଯେ, ସେହି ପ୍ରାଣାହୂତି ବା ବଳିଦାନ ଉପସ୍ଥାପିତକାରୀମାନେ ମୃତ ନୁହନ୍ତି ବରଂ ସେମାନେ ଜୀବିତ ଅଟନ୍ତି । ଜମାଅତ୍ ଅହେମଦିୟାରେ ବିଗତ ଏକ ଶତାବ୍ଦୀରୁ ଉର୍ଦ୍ଧ୍ୱ ବର୍ଷ ହେବ ଅଲ୍ଲାଃତାଲାଙ୍କ ମାର୍ଗରେ ଜୀବନର ବଳିଦାନ ଉପସ୍ଥାପିତ କରାଯାଉଅଛି । ତେବେ କ'ଣ ସେହି ବଳିଦାନକାରୀଙ୍କର ବଳିଦାନ ବୃଥା ହୋଇଗଲା ? ନାହିଁ ! ବରଂ ଅଲ୍ଲାଃତାଲା ଯେଉଁଠୁ ସେହି ଶୋହଦାମାନଙ୍କର ମର୍ଯ୍ୟାଦାକୁ ନିଜର ପ୍ରତିଶୃତି ଅନୁଯାୟୀ ଉଚ୍ଚତର କରିଥିଲେ ସେଠାରେ ଜମାଅତ୍‌କୁ ପୂର୍ବାପେକ୍ଷା ଅଧିକ ଉନ୍ନତି ଦ୍ୱାରା ମଧ୍ୟ ସମ୍ମାନିତ କରିଛନ୍ତି । ସେହି ବୀରଗତି ପ୍ରାପ୍ତକର୍ତ୍ତାମାନେ ଯେଉଁଠି ପରକାଳରେ ସେହି ମର୍ଯ୍ୟାଦା ପ୍ରାପ୍ତ କଲେ ଯାହାକି ସେମାନଙ୍କର ପ୍ରାପ୍ୟ ଥିଲା ଏବଂ ଏବଂ ଯେଉଁଠି ସେମାନଙ୍କର ସ୍ତର ସର୍ବଦା ବୈକୁଣ୍ଠରେ ଉନ୍ନୀତ ହୋଇ ଆସିଛି, ସେହି ସ୍ଥଳେ ସେମାନଙ୍କର ନାଁ ମଧ୍ୟ ଏହି ସଂସାରରେ ସର୍ବଦା ଖ୍ୟାତିକୁ ବହୁଗୁଣିତ କରି ଆସିଛି । ଅଲ୍ଲାଃତାଲାଙ୍କ ମାର୍ଗରେ ସେହି ବଳିଦାନକାରୀ ଶୋହଦାଙ୍କ ପ୍ରାଣୋତ୍ସର୍ଗ କରିବା କେବଳ ସେମାନଙ୍କ ପକ୍ଷେ ନୁହେଁ ବରଂ ଜମାଅତ୍ ପକ୍ଷେ ମଧ୍ୟ ଏକ ନୂତନ ଆଶା ଓ ଜୀବନର ଆଲୋକ ପାଲଟି ଯାଇଛି । ଏହି ପ୍ରାଣାବଳୀ ହିଁ ପରବର୍ତ୍ତୀ ପିଢୀଙ୍କ ଓ ଅନୁଗାମୀମାନଙ୍କ ନିମନ୍ତେ ନବ ଜୀବନ ଓ ଉନ୍ନତିର ମାଧ୍ୟମ ସାଜିଥାଏ ।

ଯଦି ଏହି ପ୍ରଶ୍ନ ଉତ୍ଥାପିତ ହୁଏ ଯେ, ମୃତକମାନେ ବା ଶହୀଦ୍ ବ୍ୟକ୍ତିମାନେ କିପରି ଜୀବିତ ହୋଇ ପାରିବେ ? ତେବେ ସେପରିପ୍ରେକ୍ଷୀରେ ଏହା ମନେରଖିବା ଉଚିତ ଯେ, ଜମାଅତ୍ ଅହେମଦିୟାର ପ୍ରାଣାବଳୀ ପ୍ରାରମ୍ଭିକ ପର୍ଯ୍ୟାୟରେ ହିଁ ହ. ମସିହ୍ ମଉଦ୍ ଅ.ସଙ୍କ କାଳରେ ହ. ସାହାବ୍‌ଜାଦା ଅବ୍‌ଦୁଲ୍ ଲତିଫ୍ ସାହେବ ଶହୀଦ୍‌ଙ୍କ ବଳିଦାନରୁ ହିଁ ଆରମ୍ଭ ହୋଇଥିଲା । ପ୍ରାଣାବଳୀର ପରମ୍ପରା ପ୍ରାରମ୍ଭିକ କାଳରେ ହିଁ ଆଫଗାନିସ୍ତାନ ଓ ଉଭୟ ଭୂଖଣ୍ଡ ଅର୍ଥାତ ଭାରତ ଓ ପାକିସ୍ତାନରେ ବାସ କରୁଥିବା ଅହେମଦିମାନେ ଦେଇ ଆସୁଛନ୍ତି । ୨୦୦୫ ମସିହାରେ ଆଫ୍ରିକା ମହାଦେଶର କଙ୍ଗୋ ଦେଶରେ ଜଣେ ନୈଷ୍ଠିକ ଅହେମଦି ଜମାଅତ୍ ପାଇଁ ନିଜର ଜୀବନକୁ ଉପସ୍ଥାପିତ କରି ଦେଇଥିଲେ । କିନ୍ତୁ ବିଗତ ଦିନ ବୁର୍କିନାଫାସୋ ଠାରେ ପ୍ରେମ ଓ ବିଶ୍ୱସ୍ତତାରେ ପରିପୂର୍ଣ୍ଣ ଥିବା ଆଫ୍ରିକୀୟ ଅହେମଦିମାନେ ଯେଉଁ ଅପୂର୍ବ ବିଶ୍ୱାସ ପ୍ରଦର୍ଶନ କରି ନିଜର ପ୍ରାଣକୁ ଉତ୍ସର୍ଗ କରି ଦେଇଛନ୍ତି ତାହା ଅନନ୍ୟ ଥିଲା।

ଚରମ ପନ୍ଥୀ ଆତଙ୍କବାଦୀମାନେ ସେମାନଙ୍କୁ ଏହି ସୁଯୋଗ ଦେଇଥିଲେ ଯେ, ସେମାନେ ହ. ମସିହ୍ ମଉଦ ଅ.ସଙ୍କ ସତ୍ୟତାକୁ ଅସ୍ୱୀକାର କରି ଦିଅନ୍ତୁ ଓ ହ. ଯୀଶୁଖ୍ରୀଷ୍ଟଙ୍କୁ ଆକାଶ ଲୋକରେ ଜୀବିତ ବୋଲି ସ୍ୱୀକାର କରି ନିଅନ୍ତୁ ତେବେ ଯାଇ ଆମେମାନେ ତୁମମାନଙ୍କୁ ଜୀବିତ ଛାଡ଼ି ଦେବୁ । କିନ୍ତୁ ସେହି ଅହେମଦିମାନେ ଯେଉଁମାନଙ୍କର ବିଶ୍ୱାସ ପର୍ବତ ଠାରୁ ମଧ୍ୟ ଅଧିକ ସୁଦୃଢ ଓ ଶକ୍ତିଶାଳୀ ଥିଲା, ସେମାନେ ଆତଙ୍କବାଦୀମାନଙ୍କୁ ଏହି ଉତ୍ତର ଦେଲେ ଯେ, ଜୀବନ ତ' ଦିନେ ନା ଦିନେ ଚାଲିଯିବ । ଆଜି ନୁହେଁ ତ' କାଲି ଜୀବନ ରୂପକ ପ୍ରାଣବାୟୁ ଉଡ଼ିଯିବ। ତେବେ ସେହି ନଶ୍ୱର ଓ ଅନିଶ୍ଚିତତା ପୂର୍ଣ୍ଣ ଜୀବନକୁ ବଞ୍ଚାଇବାକୁ ଯାଇ ଆମେମାନେ ନିଜ ବିଶ୍ୱାସର ସଉଦା କରିପାରିବୁ ନାହିଁ । ଆମେମାନେ ଯେଉଁ ସତ୍ୟତାକୁ ଅବଲୋକନ କାରି ସାରିଛେ ତାହାକୁ ଆମେମାନେ କଦାପି ପରିତ୍ୟାଗ କରିପାରିବୁ ନାହିଁ । ଏହିପରି ଭାବରେ ଗୋଟିଏ ପରେ ଗୋଟିଏ ସେହି ୯ ଜଣ ଅହେମଦିମାନେ ନିଜର ଜୀବନକୁ ଉତ୍ସର୍ଗ କରି ଦେଇଥିଲେ । ସେମାନଙ୍କର ପତ୍ନୀ ଓ ପିଲା ଛୁଆମାନେ ଏହି ହୃଦୟ ବିଦାରକ ଦୃଶ୍ୟକୁ ସ୍ୱଚକ୍ଷୁରେ ଅବଲୋକନ କରିଥିଲେ, ହେଲେ ହେଁ ସେମାନେ କୌଣସି ଆର୍ତ୍ତ ଚିତ୍କାର କଲେ ନାହିଁ ।

ଅତଏବ୍ ଏହି ବୀରଗତି ପ୍ରାପ୍ତ କରିଥିବା ଅହେମଦିମାନେ ହେଉଛନ୍ତି ସେହିମାନେ ଯେଉଁମାନେ କେବଳ ଆଫ୍ରିକା ମହାଦେଶରେ ନୁହେଁ ବରଂ ଅହେମଦିୟା ଜଗତରେ ନିଜର ବଳିଦାନର ଏକ ନୂତନ ଅଧ୍ୟାୟ ଓ ନୂତନ ଇତିହାସ ଉଲ୍ଲେଖିତ କରିଛନ୍ତି। ହ. ମସିହ୍ ମଉଦ୍ ଅ.ସଙ୍କ କାଳରେ ହ. ସାହିବ୍‌ଜାଦା ଅବ୍‌ଦୁଲ୍ ଲତିଫ୍ ସାହେବ ଶହୀଦ୍ ଯେଉଁ ବଳିଦାନ ଦେଇଥିଲେ ତାଙ୍କ ବଳିଦାନ ପରେ ସମଗ୍ର ଅହେମଦିୟା ଜଗତର ବଳିଦାନର ଏକ ନୂତନ ଅଧ୍ୟାୟ ଓ ନୂତନ ପୃଷ୍ଠା ଜୋଡ଼ି ଦେଇଛନ୍ତି । ଏହି ସାହାସୀ ଶହୀଦ୍ ଅହେମଦିମାନେ ସାଂସାରିକ ଜୀବନର ମୋହମାୟାର ବଳିଦାନ ଦେଇ ସାର୍ବକାଳୀକ ଜୀବନ ଅର୍ଥାତ ଅମରତ୍ୱ ପ୍ରାପ୍ତକାରୀ ବ୍ୟକ୍ତି ରୂପେ ବିବେଚିତ ହୋଇଛନ୍ତି । ସେହି ଶହୀଦ୍‌ମାନେ ଧନ, ଜୀବନ ଓ ସମୟର ବଳିଦାନ ଦେଇ ନିଜର ଶପଥକୁ ଅକ୍ଷରେ ଅକ୍ଷରେ ପୂରଣ କରି ଆଗାମୀ ବଂଶଧରଙ୍କ ଠାରୁ ବେଶ୍ ଆଗକୁ ଅଗ୍ରସର ହୋଇଛନ୍ତି । ଅଲ୍ଲାଃତାଲା ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ସେହି ଶୁଭ ସମ୍ବାଦର ପ୍ରକୃତ ଅଧିକାରୀ ରୂପେ ବିବେଚିତ କରନ୍ତୁ ଯେଉଁ ଅଧିକାରର ପ୍ରତିଶୃତି ଲାଗି ଅଲ୍ଲାଃତାଲାଙ୍କ ସକାଶେ ଓ ତାହାଙ୍କ ମାର୍ଗରେ ବଳିଦାନ ଦେଉଥିବା ବ୍ୟକ୍ତିକୁ ଅଲ୍ଲାଃତାଲା ଉପଯୁକ୍ତ ସମ୍ମାନର ଅଧିକାରୀ କରିଛନ୍ତି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ସେହି ଶୋହଦାମାନଙ୍କର ଜୀବନୀ ସଂପର୍କରେ ଘଟଣାବଳୀ ବର୍ଣ୍ଣନା କରିବି ଯହିଁରୁ ସେମାନଙ୍କ ବିଶ୍ୱାସର ଅବିଚଳତା ସଂପର୍କରେ ଜ୍ଞାତ ହୁଏ । ପ୍ରାପ୍ତ ବିସ୍ତୃତ ବିବରଣୀ ଅନୁଯାୟୀ ବୁର୍କିନାଫାସୋର ଡୋରି ନାମକ ଏକ ସହର ଅନ୍ତର୍ଗତ ମେହଦୀୟାବାଦ୍ ଠାରେ ଏକ ନୂତନ ଜନବସତି ସ୍ଥାପିତ ହୋଇଥିଲା । ଜାନୁୟାରୀ ମାସ ୧୧ ତାରିଖ ଦିନ ୯ ଜଣ ବରିଷ୍ଠ ଅହେମଦିମାନଙ୍କୁ ଇଶା ନମାଜ ସମୟରେ ମସ୍‌ଜିଦ୍‌ର ପ୍ରାଙ୍ଗଣରେ ଅନ୍ୟ ନମାଜ ପାଠକାରୀଙ୍କ ସମକ୍ଷରେ ଇସ୍‌ଲାମ୍ ଓ ଅହେମଦିୟତ୍‌କୁ ପ୍ରତ୍ୟାଖ୍ୟାନ ନକରିବା ଯୋଗୁଁ ଜଣ ଜଣ କରି ଶହୀଦ୍ କରିଦିଆଗଲା। إِنَّا لِلّٰهِ وَإِنَّا إِلَيْهِ رَاجِعُونَ ।

ରିପୋର୍ଟ ଅନୁଯାୟୀ ଇଶା ସମୟରେ ଚାରୋଟି ଦୁଇ ଚକିଆ ଯାନରେ ୮ ଜଣ ଶଶସ୍ତ୍ରଧାରୀ ଆତଙ୍କବାଦୀମାନେ ମସ୍‌ଜିଦ ଭିତରକୁ ଅତର୍କିତ ଭାବରେ ପଶି ଆସିଥିଲେ । ସେହି ଆତଙ୍କବାଦୀମାନେ ଅହେମଦିୟା ମସ୍‌ଜିଦ୍‌କୁ ଆସିବା ପୂର୍ବରୁ ସେଠିକାର ନିକଟବର୍ତ୍ତୀ ୱାହାବୀମାନଙ୍କର ଏକ ମସ୍‌ଜିଦ୍‌ରେ ମଗ୍‌ରିବ୍ ଇଶା ମଧ୍ୟବର୍ତ୍ତୀ ସମୟ ଅତିବାହିତ କରିଥିଲେ । କିନ୍ତୁ ସେଠାରେ ସେମାନେ କାହାରିକୁ କୌଣସି କ୍ଷତି ପହଞ୍ଚାଇ ନଥିଲେ । କିନ୍ତୁ ଉକ୍ତ ଆତଙ୍କବାଦୀମାନେ ଯେତେବେଳେ ଅହେମଦିୟା ମସ୍‌ଜିଦ୍‌କୁ ଆସିଲେ ସେତେବେଳେ ଇଶା ଅଜାନ୍ ହେଉଥିଲା । ଅଜାନ ପରେ ମୁଅଜ୍ଜିନ୍‌କୁ ଆତଙ୍କବାଦୀମାନେ ଏହି ଘୋଷଣା କରିବା ପାଇଁ କହିଥିଲେ ଯେ, ଜମାଅତ୍‌ର ସମସ୍ତ ସଦସ୍ୟବୃନ୍ଦମାନେ ଶୀଘ୍ର ଶୀଘ୍ର ମସ୍‌ଜିଦ୍‌କୁ ଚାଲି ଆସନ୍ତୁ । କିଛି ଲୋକମାନେ ଆସିଛନ୍ତି ଏବଂ ସେମାନେ ଆପଣମାନଙ୍କୁ କିଛି କଥା କହିବେ । ଯେତେବେଳେ ଅହେମଦିମାନେ ଏକତ୍ରିତ ହୋଇଗଲେ ସେତେବେଳେ ଆତଙ୍କବାଦୀ ଗୋଷ୍ଠୀ ପଚାରିଲେ ଯେ, ଏହି ମସଜିଦର ଇମାମ୍ କିଏ ?

ଅଲ୍‌ହାଜ୍ ଇବ୍ରାହିମ୍ ବିଦିଗା (Bidiga) ସାହେବ କହିଲେ, ସେ ଇମାମ୍ ଅଟନ୍ତି । ପୁନଶ୍ଚ ସେମାନେ ପ୍ରଶ୍ନ କଲେ, ନାଏବ୍ ଇମାମ୍ କିଏ ଅଟନ୍ତି । ତେବେ ଆଗ୍ ଉମର୍ ଆଗ୍ ଅବ୍‌ଦୁର୍ ରହେମାନ ସାହେବ କହିଲେ ଯେ, ସେ ନାଏବ୍ ଇମାମ ଅଟନ୍ତି । ଯେତେବେଳେ ନମାଜ୍ ସମୟ ପାଖେଇ ଆସିଲା ସେତେବେଳେ ଇମାମ୍ ସାହେବ ଆତଙ୍କବାଦୀମାନଙ୍କୁ କହିଲେ, ଆମକୁ ଟିକେ ନମାଜ ପଢିବାକୁ ଦିଅନ୍ତୁ । କିନ୍ତୁ ସେମାନେ ନମାଜ ପଢିବା ପାଇଁ ଅନୁମତି ପ୍ରଦାନ କଲେ ନାହିଁ ।

ଅତଃ ସେମାନେ ଜମାଅତ୍ ଅହେମଦିୟାର ଆସ୍ଥା ଓ ବିଶ୍ୱାସ ସଂପର୍କରେ ଇମାମ୍ ଅଲ୍‌ହାଜ୍ ଇବ୍ରାହିମ୍ ବିଦିଗା ସାହେବଙ୍କୁ ଅନେକ ପ୍ରଶ୍ନ କଲେ । ଇମାମ୍ ସାହେବ ସାହସିକତାର ଉତ୍ତର ଦେଲେ ଯେ, ଆମେମାନେ ହେଉଛୁ ମୁସଲମାନ ଧର୍ମାବଲମ୍ବୀ ଏବଂ ଆଁହଜରତ ସ.ଅଙ୍କୁ ସ୍ୱୀକାର କରିଛୁ । ଆମମାନଙ୍କର ସଂପର୍କ ଅହେମଦିୟା ମୁସ୍‌ଲିମ୍ ଜମାଅତ୍ ସହିତ ଅଟେ । ହ. ଇସା ଅ.ସ ମୃତ୍ୟୁବରଣ କରି


**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ସାରିଛନ୍ତି ଏବଂ ହ. ମସିହ୍ ମଉଦ୍ ଅ.ସ ହିଁ ଇମାମ୍ ମେହ୍‌ଦୀ ଅଟନ୍ତି । ପ୍ରତ୍ୟୁତ୍ତରରେ ଆତଙ୍କବାଦୀମାନେ କହିଲେ ନା, ହ. ଇସା ଅ.ସ ଆକାଶଲୋକରେ ଜୀବିତ ଅଛନ୍ତି ଏବଂ ଆକାଶଲୋକରୁ ଫେରି ସେ ଦଜ୍ଜାଲ୍ (ପ୍ରବଞ୍ଚନାକାରୀ)କୁ ବଧ କରିବେ ଓ ମୁସଲମାନମାନଙ୍କର ସମସ୍ୟାର ସମାଧାନ କରିବେ । (ମୁସଲମାନମାନେ ଏହି ଆଶା ବାନ୍ଧି ବସିଛନ୍ତି ଯେ, ହ. ଇସା ଅ.ସ ଆକାଶରୁ ଅବତୀର୍ଣ୍ଣ କରିବେ) । ସେ ପୁନଶ୍ଚ ପଚାରିଲେ ଯେ, ଇମାମ୍ ମେହଦୀ କିଏ ? ଇମାମ୍ ସାହେବ କହିଲେ, ହ. ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ଅ.ସ ମେହଦୀ ଓ ପ୍ରତିଶୃତ ମସିହ୍ ସ୍ୱରୂପ ଧରାବତୀର୍ଣ୍ଣ ହୋଇଛନ୍ତି । ଏକଥା ଶୁଣି ପରିଶେଷରେ ସଶସ୍ତ୍ରଧାରୀ ଆତଙ୍କବାଦୀ ଜଣକ କହିଲା କି ଅହେମଦିମାନେ ମସୁଲମାନ ନୁହନ୍ତି । ବରଂ ସେମାନେ ଅବଜ୍ଞାକାରୀ (କାଫିର୍) ଅଟନ୍ତି ।

ପୁନଶ୍ଚ ସଂଲଗ୍ନିତ ଏକ ସିଲେଇ ସେଣ୍ଟର୍‌ରେ ହ. ମସିହ୍ ମଉଦ୍ ଅ.ସ ଓ ଖଲିଫାମାନଙ୍କର ଛବି ଲାଗିଥିବାର ଦେଖି ତତ୍‌ସଂପର୍କରେ ପଚାରିଲେ । ଆତଙ୍କବାଦୀମାନେ ସେହି ଫଟୋ ସବୁ ନେଇ ଇମାମ୍ ସାହେବଙ୍କ ସହିତ ମସଜିଦ୍ ଫେରି ଆସିଲେ ଓ ସେହି ଛବି ସଂପର୍କରେ ଇମାମ୍ ସାହେବଙ୍କୁ ପ୍ରଶ୍ନ କଲେ । ଇମାମ୍ ସାହେବ ଜଣ ଜଣ କରି ହ. ମସିହ୍ ମଉଦ୍ ଅ.ସ ଓ ସମସ୍ତ ଖଲିଫାମାନଙ୍କର ପରିଚୟ ପ୍ରଦାନ କଲେ । ଇମାମ୍ ସାହେବ କହିଲେ, ହ. ମସିହ୍ ମଉଦ୍ ଅ.ସ ଇମାମ୍ ମେହଦୀ ଓ ମସିହ୍ ମଉଦ୍ (ପ୍ରତିଶୃତ ମସିହ୍ ଅ.ସ) ହୋଇ ଆସିଛନ୍ତି । ସେମାନେ କହିଲେ ମସିହ୍ ମଉଦ୍ ଅ.ସଙ୍କ ସମସ୍ତ ଦାବି ମିଥ୍ୟା ଅଟେ (ନାଉଜୁ ବିଲ୍ଲାଃ) । ଏହାପରେ ସେମାନେ ମସ୍‌ଜିଦ୍‌ରେ ଉପସ୍ଥିତ ଥିବା ୭୦ ଜଣ ନମାଜ ପାଠକାରୀଙ୍କ ମଧ୍ୟରୁ ବୟସାନୁଯାୟୀ ପିଲା, ଯୁବକ ଏବଂ ବୟସ୍କ ବ୍ୟକ୍ତିମାନଙ୍କର ଏକ ପୃଥକ୍ ପୃଥକ୍ (ଗ୍ରୁପ୍) ଦଳ ଗଠନ କଲେ । ପରଦାର ଅପର ପକ୍ଷେ ୧୦/୧୨ ଜଣ ଲଜ୍‌ନା (ଅହେମଦିୟା ମହିଳା ଗୋଷ୍ଠୀ) ମଧ୍ୟ ଉପସ୍ଥିତ ଥିଲେ । ଆତଙ୍କବାଦୀମାନେ ବୟସାନୁଯାୟୀ ଆବାଳ ବୃଦ୍ଧ ବନୀତାଙ୍କର ଦଳ କରି ସାରିବା ପରେ ବୟସ୍କ ବ୍ୟକ୍ତିମାନଙ୍କୁ କହିଲେ ଯେ, ସେମାନେ ମସ୍‌ଜିଦ୍‌ର ପ୍ରାଙ୍ଗଣକୁ ଚାଲିଆସନ୍ତୁ । ସେତେବେଳେ ମୋଟ୍ 10 ଜଣ ଅନସାର୍ ଉପସ୍ଥିତ ଥିଲେ । ତନ୍ମଧ୍ୟରେ ଜଣେ ଭିନ୍ନକ୍ଷମ ବ୍ୟକ୍ତି ମଧ୍ୟ ରହିଥିଲେ । ଯେତେବେଳେ ସେହି ଅକର୍ମଣ୍ୟ ବ୍ୟକ୍ତି ଅନ୍ୟ ଆନସାର ଭାଇମାନଙ୍କ ସହିତ ଛିଡ଼ା ହୋଇ ବାହାରକୁ ଯିବାକୁ ଲାଗିଲେ ସେତେବେଳେ ସେହି ମହୋଦୟ ବିକଳାଙ୍ଗ ବ୍ୟକ୍ତିଙ୍କୁ ଆତଙ୍କବାଦୀମାନେ ଏହା କହି ମନା କରିଦେଲେ ଯେ, ତୁମେ ଅକର୍ମଣ୍ୟ ତଥା ବିକଳାଙ୍ଗ ଅଟ, ତେଣୁ ତୁମେ ଭିତରେ ହିଁ ରୁହ, ତୁମର କିଛି କାମ ନାହିଁ । ସୁତରାଂ ସେହି ଶଶସ୍ତ୍ରଧାରୀ ଆତଙ୍କବାଦୀମାନେ ସମସ୍ତ ୨ ଜଣ ସଦସ୍ୟବୃନ୍ଦଙ୍କୁ ଧରି ମସ୍‌ଜିଦ୍‌ର ପ୍ରାଙ୍ଗଣକୁ ନେଇ ଆସିଲେ ଏବଂ ଇମାମ୍ ସାହେବଙ୍କୁ କହିଲେ, ସେ ଯଦି ଅହେମଦିୟତ୍‌କୁ ପ୍ରତ୍ୟାଖ୍ୟାନ କରି ଦିଅନ୍ତି ତେବେ ସେମାନେ ତାଙ୍କୁ ଜୀବିତ ଛାଡ଼ିଦେବେ । ଇମାମ୍ ସାହେବ ଉତ୍ତର ଦେଲେ ଯେ, ଆପଣମାନେ ଯଦି ମୋର ସ୍କନ୍ଧଚ୍ୟୁତ କରି ଦିଅନ୍ତି ତେବେ ମଧ୍ୟ ମୁଁ ଅହେମଦିୟତ୍‌କୁ ପରିତ୍ୟାଗ କରିପାରିବି ନାହିଁ । ମୁଁ ଯେଉଁ ସତ୍ୟତାକୁ ପ୍ରାପ୍ତ କରି ନେଇଛି ତହିଁରୁ ମୁଁ ପଶ୍ଚାତ୍‌ପଦ ହୋଇପାରିବ ନାହିଁ । ମୋ ପକ୍ଷେ ଏପରି କରିବା ସମ୍ଭବପର ନୁହଁ । ବିଶ୍ୱାସ ତୁଳନାରେ ଜୀବନର କୌଣସି ମୂଲ୍ୟ ନାହିଁ । ବରଂ ତାହା ମୂଲ୍ୟହୀନ ଅଟେ ।

ଆତଙ୍କବାଦୀମାନେ ଇମାମ୍ ସାହେବଙ୍କ ବେକରେ ବଡ଼ ଛୁରୀ ରଖିଲେ ଓ ଇମାମ୍ ସାହେବଙ୍କୁ ଓଲଟା ସୁଆଇ ଦେଇ ଯେତେବେଳେ ତାଙ୍କ ବେକରେ ଛୁରୀ ରଖି ଜେବହ୍ କରିବା ପାଇଁ ଉଦ୍ୟମ କଲେ, ସେତେବେଳେ ଇମାମ୍ ସାହେବ କହିଲେ ମୋତେ ଛିଡ଼ା କରି ମାରି ଦିଅନ୍ତୁ । ସୁତରାଂ ସେମାନେ ଇମାମ୍ ସାହେବଙ୍କୁ ଛିଡ଼ା କରି ଗୁଳି ଚାଳନା କରି ଶହୀଦ୍ କିରଦେଲେ । ଇମାମ୍ ଅଲ୍‌ହାଜ୍ ଇବ୍ରାହିମ୍ ବିଦିଗା ସାହେବ ସର୍ବ ପ୍ରଥମ ଶାହାଦତ୍ ପ୍ରାପ୍ତ କଲେ ।

ଆତଙ୍କବାଦୀମାନେ ଇମାମ୍ ସାହେବଙ୍କୁ ଅତ୍ୟନ୍ତ ନିର୍ମମ ଓ ନୃଶଂସନୀୟ ଭାବରେ ଶହୀଦ୍ କରିବା ପରେ ଆତଙ୍କବାଦୀମାନେ ଏହା ଭାବିଲେ ଯେ, ଅନ୍ୟ ଅହେମଦିମାନେ ଇମାମ୍ ସାହେବଙ୍କ ହୃଦୟ ବିଦାରକ କରୁଣ ଦୃଶ୍ୟକୁ ଦେଖି ଭୟଭୀତ ହୋଇ ସେମାନଙ୍କର କଥା ମାନିଯିବେ । ଅତଏବ ଜଣେ ବୟସ୍କ ବ୍ୟକ୍ତିଙ୍କୁ ଡାକି କହିଲେ, ତୁମେ ଅହେମଦିୟତ୍‌କୁ ଛାଡ଼ିବ ନା ମରିବାକୁ ଚାହୁଁଛ ଅର୍ଥାତ ତୁମର ମଧ୍ୟ ସେହି ପରିଣାମ ଓ ଦଶା ହେବ ? ପ୍ରତ୍ୟୁତ୍ତରରେ ଉକ୍ତ ସାହସୀ ଅହେମଦି ବୃଦ୍ଧ ଜଣକ ଉତ୍ତର ଦେଲେ, ମୁଁ ଅହେମଦିୟତ୍ ଛାଡ଼ି ପାରିବି ନାହିଁ । ଯେଉଁ ମାର୍ଗ ଉପରେ ଚାଲି ଆମର ଇମାମ୍ ସାହେବ ବୀରଗତି ପ୍ରାପ୍ତ କରିଛନ୍ତି ଆମେମାନେ ମଧ୍ୟ ସେହି ମାର୍ଗ ଉପରେ ପରିଚାଳିତ ହେବୁ । ପୁନଶ୍ଚ ଏହାପରେ ଆତଙ୍କବାଦୀମାନେ ସଂପୃକ୍ତ ବୃଦ୍ଧଙ୍କ ମସ୍ତିଷ୍କରେ ଗୁଳି କରି ତାଙ୍କୁ ମଧ୍ୟ ଶହୀଦ୍ କରିଦେଲେ । ଏହିପରି ଭାବରେ ଅନ୍ୟ ସଦସ୍ୟବୃନ୍ଦଙ୍କୁ ଜଣ ଜଣ କରି ଡାକିଲେ ଏବଂ ସେମାନଙ୍କୁ କହିଲେ ଯେ, ତୁମେମାନେ ଇମାମ୍ ମେହ୍‌ଦୀଙ୍କୁ ପ୍ରତ୍ୟାଖ୍ୟାନ କରିଦିଅନ୍ତୁ ଏବଂ ଅହେମଦିୟତ୍ ପରିତ୍ୟାଗ କରିଦିଅନ୍ତୁ । ତୁମମାନଙ୍କୁ ଆମେ କିଛି କରିବୁ ନାହିଁ, କି କୌଣସି ହାନୀ ମଧ୍ୟ ପହଞ୍ଚାଇବୁ ନାହିଁ । ତୁମମାନଙ୍କୁ ଜୀବିତ ଛାଡ଼ି ଦିଆଯିବ ।

କିନ୍ତୁ ସମସ୍ତ ବରିଷ୍ଠ ଅହେମଦିମାନେ ପର୍ବତ ପରି ଅବିଚଳତା ପ୍ରଦର୍ଶନ କଲେ ଓ ସାହସିକତା, ନିର୍ଭୀକତା ପ୍ରଦର୍ଶନପୂର୍ବକ ଶାହାଦତ୍‌କୁ ଆଲିଙ୍ଗନ କରିବାକୁ ପସନ୍ଦ କଲେ । କୌଣସି ଜଣେ ବି ତିଳେମାତ୍ର ଦୁର୍ବଳତା ପ୍ରଦର୍ଶନ କଲେ ନାହିଁ ଓ ନା ହିଁ ଅହେମଦିୟତ୍‌କୁ ଅସ୍ୱୀକାର କଲେ । ଆତଙ୍କବାଦୀମାନେ ଗୋଟିଏ ପରେ ଗୋଟିଏ ଅହେମଦିମାନଙ୍କୁ ଶହୀଦ୍ କରି ଚାଲିଲେ । କୌଣସି ଜଣେ ବ୍ୟକ୍ତି ମଧ୍ୟ ଦୁର୍ବଳତା ପ୍ରଦର୍ଶନ କଲେ ନାହିଁ ଓ ନା ହିଁ ଅହେମଦିୟତ୍‌କୁ ସେମାନେ ଅସ୍ୱୀକାର କଲେ । କାହାରି ବିଶ୍ୱାସରେ ମଧ୍ୟ କୌଣସି ଅନ୍ତରାୟ ଦେଖା ଦେଇ ନଥିଲା। ସମସ୍ତ ଶହୀଦ୍‌ମାନେ ପରସ୍ପର ଠାରୁ ପ୍ରତିସ୍ପର୍ଦ୍ଧିତ ହୋଇ ବିଶ୍ୱାସ, ବିଶ୍ୱସ୍ତତା ଓ ଅପୂର୍ବ ସାହସିକତା ପ୍ରଦର୍ଶନ କଲେ, ବିଶ୍ୱାସର ଧ୍ୱଜାକୁ ଉଚ୍ଚ ରଖି ଅଲ୍ଲାଃତାଲାଙ୍କ ନିକଟରେ ନିଜର ପ୍ରାଣାବଳୀ ଉପସ୍ଥାପିତ କରିଦେଲେ ।

ଆତଙ୍କବାଦୀମାନେ ପ୍ରତ୍ୟେକ ଶହୀଦ୍‌କୁ ଅତି ବେଶୀରେ ତିନୋଟି ଗୁଳି ମାରିଥିଲେ। ଯହିଁରେ ଦୁଇ ଜଣ ଜାଆଁଳା ଭାଇ ମଧ୍ୟ ଅନ୍ୟତମ ଅଟନ୍ତି । ଆତଙ୍କବାଦୀମାନେ ଯେତେବେଳେ ଆଠ ଜଣ ଅହେମଦିଙ୍କୁ ଶହୀଦ୍ କରିଦେଲେ ସେତେବେଳେ ନବମ ବ୍ୟକ୍ତି ଜଣକ ଯାହାଙ୍କ ନାମ ହେଲା ଆଗ୍ ଉମର୍ ଆଗ୍ ଅବ୍‌ଦୁର୍ ରହେମାନ ସାହେବ ଯାହାଙ୍କର ବୟସ 44 ବର୍ଷ ଥିଲା ସେ ରହିଯାଇଥିଲେ । ବୟସ ଦୃଷ୍ଟିରୁ ସେ ସମସ୍ତ ଶୋହଦାମାନଙ୍କ ଅପେକ୍ଷା ସର୍ବ କନିଷ୍ଠ ବ୍ୟକ୍ତି ଥିଲେ । ଆତଙ୍କବାଦୀମାନେ ତାଙ୍କୁ ପଚାରିଲେ ଯେ, ବସ୍ ତୁମେ ତ' ଭେଣ୍ଡିଆ ଯୁବକ ଅଟ, ଅହେମଦିୟତ୍‌କୁ ଅସ୍ୱୀକାର କରି ନିଜର ଜୀବନ ବଞ୍ଚାଇ ପାରିବ । ସୁତରାଂ ପ୍ରତ୍ୟୁତ୍ତରରେ ସେହି ଯୁବକ ଜଣକ କହିଲେ, ଯେ, ଯେଉଁ ମାର୍ଗ ଉପରେ ପରିଚାଳିତ ହୋଇ ମୋର ବରିଷ୍ଠ ପୂର୍ବ ପୁରୁଷମାନେ ବଳିଦାନ ଦେଇଛନ୍ତି, ଯେଉଁ ମାର୍ଗ ସତ୍ୟର ମାର୍ଗ ମୁଁ ମଧ୍ୟ ନିଜର ଇମାମ୍ ସାହେବ ଓ ବରିଷ୍ଠ ପୂର୍ବ ପୁରୁଷ ତଥା ଗୁରୁଜନମାନଙ୍କର ପଦାଙ୍କ ଅନୁସରଣ କରି ବିଶ୍ୱାସ ସକାଶେ ନିଜର ପ୍ରାଣାବଳୀ ଉପସ୍ଥାପିତ କରିବା ନିମନ୍ତେ ପ୍ରସ୍ତୁତ ଅଛି । ଏହା ଶୁଣି ଆତଙ୍କବାଦୀମାନେ ତାଙ୍କୁ ମଧ୍ୟ ଅତ୍ୟନ୍ତ ନୃଶଂସନୀୟ ଓ ନିର୍ମମ ଭାବରେ ହତ୍ୟା କରିଦେଲେ ।

**ତଜ୍‌କିରତୁଶ୍ ଶାହାଦତୈନ୍**‌ରେ ହ. ମସିହ୍ ମଉଦ୍ ଅ.ସ ସାହିବ୍‌ଜାଦା ହ. ଅବ୍‌ଦୁଲ୍ ଲତିଫ୍ ସାହିବ ଶହୀଦ୍‌ଙ୍କର ଚର୍ଚ୍ଚା କରି କୁହନ୍ତି, "ଅଲ୍ଲାଃତାଲା ସେହି ବୀରଗତି ପ୍ରାପ୍ତ କରିଥିବା ଅହେମଦିମାନଙ୍କର ଅନେକ ପ୍ରତିସ୍ଥାନିକ ବ୍ୟକ୍ତି ସୃଷ୍ଟି କରିଦେବେ ।"

**(ତଜ୍‌କିରତୁଶ୍ ଶାହାଦତୈନ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-20, ପୃ-76)**

ହ. ମସିହ୍ ମଉଦ୍ ଅ.ସ ନିଜ ସ୍ୱପ୍ନର ଏହି ଅର୍ଥ ପରିପ୍ରକାଶ କରି ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ, "ମୁଁ ଆଶା କରୁଛି ଯେ, ସାହେବଜାଦା ଅବ୍‌ଦୁଲ୍ ଲତିଫ୍ ସାହେବ ଶହୀଦ୍‌ଙ୍କ ବିୟୋଗ ପରେ ଅଲ୍ଲାଃତାଲା ଅନେକ ବଳିଦାନକାରୀ ଅହେମଦି ସାହେବଜାଦା ଅବଦୁଲ୍ ଲତିଫ୍ ସାହେବଙ୍କର ପ୍ରତିସ୍ଥାନିକ ରୂପେ ସୃଷ୍ଟି କରିଦେବେ ।"

ଅତଃ ଆମେମାନେ ଏହି କଥାର ପ୍ରତ୍ୟକ୍ଷଦର୍ଶୀ ଯେ, ଆଜି ଆଫ୍ରିକାରେ ବାସ କରୁଥିବା ବୀର ଶହୀଦ୍ ଅହେମଦିମାନେ ସାମୂହିକ ରୂପେ ଯେଉଁ ଆଦର୍ଶ ସ୍ଥାପନ କରିଛନ୍ତି ତାହା ପ୍ରତିସ୍ଥାନିକର ଅଧିକାର ମଧ୍ୟ ସମ୍ପାଦିତ କରିଦେଇଛି । ଆତଙ୍କବାଦୀମାନଙ୍କର ମସ୍‌ଜିଦକୁ ଆସିବା ଠାରୁ ଆରମ୍ଭ କରି ପ୍ରଶ୍ନୋତ୍ତର କରିବା, ଆସ୍ଥା ଓ ବିଶ୍ୱାସ ଉପରେ ବିସ୍ତୃତ ବିତର୍କ କରିବା ଏବଂ ସମସ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ମସ୍‌ଜିଦ୍‌ରୁ ବାହାରିବା

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid,
Jamat Ahmadiya Karadapalli (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Abdul Malik, S/o- Late Abdur Rahman,
Jamat Ahmadiya Karadapalli (Odisha)

ପର୍ଯ୍ୟନ୍ତ ନ୍ୟୁନାଧିକ ଦେଢ ଘଣ୍ଟା ସମୟ ବୋଲି ମନେକରାଯାଏ । ଇତି ମଧ୍ୟରେ ପିଲା ବୁଢା ତଥା ଅନ୍ୟ ସମସ୍ତ ସଦସ୍ୟମାନଙ୍କ ଉପରେ ଏହି ନୃଶଂସନୀୟ ତଥା ବର୍ବରତ୍ୱ ବିଭିଷୀକା ଦେଢ ଘଣ୍ଟା ଧରି ଜାରି ରହିଲା । ଅନ୍ୟମାନଙ୍କ ଉପରେ ଏହି ଦୁଃଖ ଦାୟକ ଏବଂ ମର୍ମନ୍ତୁଦ ଘଟଣାର ଯେଉଁ ପ୍ରଭାବ ପଡ଼ିଥିବା ତଥା ସେମାନେ କେଉଁ ବ୍ୟଥା, ବ୍ୟାକୁଳତା ଏବଂ ବେଦନାମୟ ପରିସ୍ଥିତି ଦେଇ ଅତିକ୍ରମ କରିଥିବେ ତାହା ସହଜେ ଅନୁମେୟ ଯେ, ସେମାନଙ୍କ ଆଖି ସାମ୍ନାରେ ସେମାନଙ୍କର ପ୍ରିୟଜନଙ୍କୁ ଅତ୍ୟନ୍ତ ନିର୍ମମ ଓ ବୀଭତ୍ସ ଭାବରେ ଶହୀଦ୍ କରାଯାଉଥିଲା । ମସ୍‌ଜିଦର ବାହାରି ଆତଙ୍କବାଦୀମାନେ ଶୀଘ୍ର ପଳାୟନ କରି ନଥିଲେ ବରଂ ବହୁ ସମୟ ପର୍ଯ୍ୟନ୍ତ ମେହ୍‌ଦୀଆବାଦ୍ ଠାରେ ହିଁ ରହିଥିଲେ ଓ ଶଶସ୍ତ୍ରବାଦୀ ଆତଙ୍କବାଦୀମାନେ ମସ୍‌ଜିଦ୍‌ରେ ଉପସ୍ଥିତ ଥିବା ଲୋକମାନଙ୍କୁ ଧମକ ମଧ୍ୟ ଦେଲା ଯେ, ତୁମମାନଙ୍କ ପକ୍ଷେ ଏହା ଉଚିତ ହେବ ଯେ, ତୁମେମାନେ ସମସ୍ତେ ଅହେମଦିୟତ୍ ପରିତ୍ୟାଗ କରିଦିଅ । ଆମେମାନେ ପୁନେର୍ବାର ଆସିବୁ । ତୁମେମାନେ ଯଦି ଅହେମଦିୟତ୍ ପରିତ୍ୟାଗ ନକର କିମ୍ବା ପୁନର୍ବାର ମସ୍‌ଜିଦ୍ ଖୋଲିବାକୁ ଉଦ୍ୟମ କର ତେବେ ତୁମ ସମସ୍ତଙ୍କୁ ସମାପ୍ତ କରିଦିଆଯିବ । ସେହି ମେହ୍‌ଦୀଆବାଦ୍‌ର ଜମାଅତ୍‌ର ପ୍ରାରମ୍ଭ ହେଲା ତାହାର ପରିଚୟ କ'ଣ ?

ତତ୍‌ସଂକ୍ରାନ୍ତରେ ଉଲ୍ଲେଖ କରାଯାଏ ଯେ, 1998 ମସିହାରେ ଏଠାରେ ନିୟମିତ ରୂପେ ମିଶନ୍ ହାଉସ୍ ପ୍ରାରମ୍ଭ ହୋଇଥିଲା । ଜମାଅତ୍ ଦ୍ରୁତ ଗତିରେ ଏଠାରେ ଉନ୍ନତି କରିଥିଲା । 1999 ମସିହାରେ ଏକ ଗ୍ରାମ୍ ଟିକ୍‌ନେୱିଲ୍ (Tickneville)ର ବହୁଳ ସଂଖ୍ୟକ ଲୋକ ଅହେମଦି ହୋଇଗଲେ ଏବଂ ଏକ ନୈଷ୍ଠିକ ଜମାଅତ୍ ଏହି ସ୍ଥାନରେ ସ୍ଥାପିତ ହୋଇଗଲା । ସେହି ଗ୍ରାମର ଇମାମ୍ ସାହେବ ଅଲ୍‌ହାଜ୍ ଇବ୍ରାହିମ୍ ବିଦିଗା ସାହେବ ଅହେମଦିୟତ୍ ସ୍ୱୀକାର କରିବା ପୂର୍ବରୁ ସେହି ଅଞ୍ଚଳର ଜଣେ ଖ୍ୟାତି ସମ୍ପନ୍ନ ବ୍ୟକ୍ତି ଥିଲେ, ଅଞ୍ଚଳର ସବୁଠୁ ବଡ଼ ୱାହାବୀ ଇମାମ୍ ଥିଲେ, ଇମାମ୍ ସାହେବ ଜଣେ ବିଦ୍ୱାନ୍ ବ୍ୟକ୍ତି ଥିଲେ । ଆପଣ ଅନେକ ଅନୁସନ୍ଧାନ କରିବା ପରେ ବୈଅତ୍ କରିଥିଲେ। ବୈଅତ୍ କରିବା ପରେ ଜଣେ ଓଜସ୍ୱୀ ଦାଇ (ଆମନ୍ତ୍ରିତକାରୀ), ଜଣେ ନିର୍ଭୀକ ମୁବଲ୍ଲିଗ୍, ଜଣେ ସାହସୀ ସିପାହୀ ହୋଇ ଉଭା ହୋଇଥିଲେ । ଯେତେବେଳେ ଇମାମ୍ ସାହିବ ବୈଅତ୍ କରିନେଲେ ସେତେବେଳେ ତାଙ୍କର ବନ୍ଧୁମାନେ ତାଙ୍କୁ ପଚାରିଲେ ଇମାମ୍ ସାହେବ ଆପଣ ମିର୍ଜା ଗୁଲାମ ଅହେମଦ ସାହେବଙ୍କର କାହିଁକି ବୈଅତ୍ କଲେ ? ପ୍ରତ୍ୟୁତ୍ତରରେ ଇମାମ୍ ସାହେବ କହିଲେ, ଯେତେବେଳେ ମୁଁ ସୁନା ଦେଖିନେଲି ଓ ଅଲ୍ଲାଃତାଲା ଆଦେଶ ମଧ୍ୟ ଦେଇଛନ୍ତି ଯେ, ମସିହ୍‌ଙ୍କୁ ସ୍ୱୀକାର କରିବ, ଆଁହଜରତ ସ.ଅଙ୍କ ଆହଦିସ୍ ମଧ୍ୟ ସଂପୂର୍ଣ୍ଣ ହୋଇଗଲା ଏବଂ ଏହି କଥାଗୁଡ଼ିକ ମଧ୍ୟ ସଂପୂର୍ଣ୍ଣ ହେଉଛି ଓ ପବିତ୍ର କୁରଆନ୍ କରୀମ୍ ହ. ମସିହ୍ ମଉଦ୍ ଅ.ସଙ୍କ ସପକ୍ଷେ ସାକ୍ଷ୍ୟ ପ୍ରଦାନ କରୁଛି ତେବେ ମୁଁ ତହିଁରୁ କିପରି ପଛେଇଯିବି ?

ସେ ଯାହା ହେଉ ନା କାହିଁକି ଇମାମ୍ ସାହେବ ଜଣେ ବିଦ୍ୱାନ ବ୍ୟକ୍ତି ଥିଲେ। ଉକ୍ତ ଗ୍ରାମର ଲୋକ ତମାଶୁକ୍ ସଂପ୍ରଦାୟର ଲୋକ ଅଟନ୍ତି । ଉକ୍ତ ଅଞ୍ଚଳର ସ୍ଥାନୀୟ ଭାଷା ଥିଲା ତମାଶୁକ୍ । ତମାଶୁକ୍ ଭାଷାଭାଷୀଙ୍କର ସଂଖ୍ୟା ପ୍ରାୟ ଲକ୍ଷାଧିକ ବୋଲି ଦର୍ଶାଯାଏ। ଏହି ତମାଶୁକ୍ ଭାଷା କହୁଥିବା ଲୋକମାନେ ବୁର୍କିନାଫାସୋ, ନଇଜିରିୟା, ମାଲି ଓ ଆଲ୍‌ଜିରିୟାରେ ଦେଖିବାକୁ ମିଳନ୍ତି । ପ୍ରୟତଃ ଜନସଂଖ୍ୟା ଅର୍ଥାତ 99.9 ଜନସଂଖ୍ୟା ମୁସ୍‌ଲିମ୍ ବହୁଳ ଅଟେ । ଏଠାରେ ଅଧିକାଂଶ ଲୋକ ଅତ୍ୟାଚୀର ୱାହାବୀ ସଂପ୍ରଦାୟଭୁକ୍ତ ଅଟନ୍ତି । ଯଦିଓ ତମାଶୁକ୍ ଲୋକମାନଙ୍କ ମଧ୍ୟରେ ଅହେମଦି ହୋଇଥିବା ବ୍ୟକ୍ତିମାନଙ୍କର ସଂଖ୍ୟା ଅଧିକ ନାହିଁ କିନ୍ତୁ ବୁର୍କିନାଫାସୋରେ ମେହଦୀଆବାଦ୍‌ର ତମାଶୁକ୍ ବାସିନ୍ଦାମାନେ ହ. ମସିହ୍ ମଉଦ୍ ଅ.ସଙ୍କ ବୈଅତ୍ କରିବାରେ ଆଗେଇ ଗଲେ ଓ ବର୍ତ୍ତମାନ ଏତେ ବଡ଼ ବଳିଦାନ ଦେଇ ନିଜର ଏକ ବିଶେଷ ସ୍ଥାନ ମଧ୍ୟ ପ୍ରାପ୍ତ କରିଛନ୍ତି ।

2004 ମସିହାରେ ଉକ୍ତ ଅଞ୍ଚଳରେ ସୁନାର ଅନେକ ଭଣ୍ଡାର ସନ୍ଧାନ କରାଯାଇଥିଲା। ତେବେ ମାଇନିଂ କମ୍ପାନୀ ସେହି ଗ୍ରାମର ସମସ୍ତ ଜନସମୂହକୁ ନିକଟବର୍ତ୍ତୀ ନୂତନ ସ୍ଥାନକୁ ସ୍ଥାନାନ୍ତରିତ କରାଇ ସେମାନଙ୍କ ଲାଗି ସେଠାରେ ନୂତନ ଗୃହ ନିର୍ମାଣ କରାଇ ଦେଇଥିଲା ଏବଂ କହିଲା ଯେ, ଆପଣମାନେ ସେଠାକୁ ସ୍ଥାନାନ୍ତରିତ ହୋଇଯାଆନ୍ତୁ। ସେହି ସ୍ଥାନାନ୍ତରିତ ହୋଇଥିବା ଲୋକମାନଙ୍କ ମଧ୍ୟରେ ବହୁଳ ସଂଖ୍ୟାରେ ଅହେମଦିମାନେ ମଧ୍ୟ ରହିଥିଲେ । କିଛି ଘର ଅନ୍ୟ ସଂପ୍ରଦାୟର ଲୋକଙ୍କର ଥିଲା । ତେଣୁ ସେହି ଗ୍ରାମଟି ସଂପୂର୍ଣ୍ଣ ରୂପେ ନୂତନ ରୂପେ ନିର୍ମିତ ହୋଇଥିଲା । ଇବ୍ରାହିମ୍ ସାହେବ ଏହି ପ୍ରସ୍ତାବ ଦେଲେ ଯେ, ସେହି ଗ୍ରାମର ନାମ ପୁରୁଣା ଗ୍ରାମର ନାମାନୁନଯାୟୀ ନାମକରଣ କରିବ ନାହିଁ । ସୁତରାଂ ଇମାମ୍ ସାହେବ ମୋତେ (ଅର୍ଥାତ ହୁଜୁର ଅନୱର୍ ଅ.ବଙ୍କୁ) ପତ୍ର ଲେଖିଲେ ଯେ, ହୁଜୁର୍ ! ଆପଣ ସେହି ଗ୍ରାମର ନାମକରଣ କରନ୍ତୁ । ସୁତରାଂ ମୁଁ ସେହି ଗ୍ରାମର ନାମ ମେହଦୀଆବାଦ୍ ନାମକରଣ କଲି ଓ 2008 ମସିହାରେ ଏଠାରେ IAAAE ଅଧୀନ ମଡ଼େଲ୍ (ଆଦର୍ଶ) ଭିଲେଜ୍ ମଧ୍ୟ ନିର୍ମାଣ କରାଗଲା । ଜଳ ଓ ବିଦ୍ୟୁତ ଭଳି ନବ୍ୟାଧୁନିକ ସୁବିଧାମାନ ଉପଲବ୍ଧ କରାଗଲା । ଏହା କେବଳ ବୁର୍କିନାଫାସୋରେ ନୁହେଁ ବରଂ ସମଗ୍ର ପୃଥିବୀରେ ପ୍ରଥମ ଆଦର୍ଶ ଗ୍ରାମ୍ୟ ପ୍ରକଳ୍ପ ଥିଲା। ଏଥି ଅନୁଯାୟୀ ଗ୍ରାମରେ ବିଦ୍ୟୁତ, ଜଳ, ସିଲେଇ ବିଦ୍ୟାଳୟ ଭଳି ସୁବିଧାମାନ ଆଦି ଉପଲବ୍ଧ କରାଇ ଦିଆଯାଇଛି ।

ସେହି ମୃତକ ଶୋହଦାମାନଙ୍କ ସଂପର୍କରେ ସେଠିକାର ଲୋକମାନେ ନିଜର ରିପୋର୍ଟରେ ଏହା ଉଲ୍ଲେଖ କରିଛନ୍ତି ଯେ, ଆତଙ୍କବାଦୀମାନେ ମସ୍‌ଜିଦ୍‌ରେ ପ୍ରାୟ ଦେଢ ଘଣ୍ଟା ସମୟ ଅତିବାହିତ କରି ଏଭଳି ଭୟର ବାତାବରଣ ସୃଷ୍ଟି କରିଥିଲେ ଯେ, ଲୋକମାନେ ତ୍ରାହୀମାମ୍ ଡ଼ାକୁଥିଲେ । ଯେଉଁ ସ୍ଥାନରେ ଶାହାଦତ୍ ହେଲା, ଶୋହଦାମାନଙ୍କର ଶବ ରାତିସାରା ସେହି ସ୍ଥାନରେ ହିଁ ପଡ଼ି ରହିଥିଲା । କାରଣ ଭୟ ଥିଲା ଯେ, ଆତଙ୍କବାଦୀମାନେ ଗ୍ରାମରୁ ବାହରକୁ ଯାଇ ନାହାନ୍ତି ଓ ଯଦି କେହି ଶବ ଉଠାଇବାକୁ ଗଲା ତେବେ ତା'କୁ ମଧ୍ୟ ମାରିଦିଆଯିବ । ଘଟଣା ସ୍ଥଳର ନିକଟବର୍ତ୍ତୀ ଏକେ ଆର୍ମି କ୍ୟାମ୍ପ ମଧ୍ୟ ଥିଲା । ଯେତେବେଳେ ଆର୍ମି କ୍ୟାମ୍ପରେ ଏହି ଘଟଣା ସଂପର୍କରେ ସୂଚନା ପ୍ରଦାନ କରାଗଲା ସେତେବେଳେ ସେଠାରୁ କେହି ହେଲେ ଆସିଲେ ନାହିଁ । ନା ସୁରକ୍ଷା ଅନୁଷ୍ଠାନର କୌଣସି ସଦସ୍ୟ କି ସୁରକ୍ଷା କର୍ମୀ କେହି ବି ସକାଳ ପର୍ଯ୍ୟନ୍ତ ଆସିଲେ ନାହିଁ ।

ହୁଜୁର ଅନୱର ଅ.ବ କହିଲେ, ବର୍ତ୍ତମାନ ସଂକ୍ଷେପରେ ସେହି ଶୋହଦାମାନଙ୍କର ଜୀବନୀ ଚର୍ଚ୍ଚା ବର୍ଣ୍ଣନା କରିଦେବି । **ପ୍ରଥମ** ଶହୀଦ୍ ହେଲେ ଇମାମ୍ ଅଲ୍‌ହାଜ୍ ଇବ୍ରାହିମ୍ ବିଦିଗା ସାହେବ । ଶାହାଦତ୍ ସମୟରେ ସ୍ୱର୍ଗତଙ୍କୁ 68 ବର୍ଷ ବୟସ ହୋଇଥିଲା । ଶିକ୍ଷା ଆହରଣ କରିବା ପାଇଁ ସେ ସାଉଦୀ ଆରବ୍‌ରେ ମଧ୍ୟ କିଛି କାଳ ଅବସ୍ଥାନ କରିଥିଲେ । ସ୍ୱର୍ଗତ ଇମାମ୍ ସାହେବ ତମାଶୁକ୍ ଭାଷାର ଜଣେ ବିଦ୍ୱାନ୍ ଥିଲେ ଓ ସେହି ଭାଷାରେ ସେ ପବିତ୍ର କୁରଆନ୍ କରୀମ୍‌ର ବ୍ୟାଖ୍ୟାକାର ମଧ୍ୟ ଥିଲେ । ଆପଣ 1999 ମସିହାରେ ବୈଅତ୍ କରିଥିଲେ । ଅହେମଦିୟତ୍ ସ୍ୱୀକାର କରିବା ପୂର୍ବରୁ ଇମାମ୍ ସାହେବ ଅନେକ ଅଞ୍ଚଳର ମୁଖ୍ୟ ଇମାମ୍ ରୂପେ ଜଣାଶୁଣା ଥିଲେ । ସେହି ଅଞ୍ଚଳର ଅନ୍ୟାନ୍ୟ ବିଦ୍ୱାନ୍‌ମାନେ ଆପଣଙ୍କ ନିକଟରେ ଆସି ବସୁଥିଲେ ଓ ଆପଣଙ୍କ ଠାରୁ ଜ୍ଞାନ ଆହରଣ କରିବାକୁ ନିଜ ପାଇଁ ଏକ ସୌଭାଗ୍ୟ ତଥା ମର୍ଯ୍ୟାଦା ବୋଲି ମନେ କରୁଥିଲେ । ସୁତରାଂ ପ୍ରତ୍ୟେକ ବର୍ଷ ଅନ୍ୟୁନ ଥରେ ସମଗ୍ର ଅଞ୍ଚଳର ବିଦ୍ୱାନ୍‌ମାନେ, ଶିକ୍ଷକ ଇମାମଗଣ ଆପଣଙ୍କ ନିକଟରେ ଆସି ଅବସ୍ଥାନ କରୁଥିଲେ ଏବଂ ଆପଣଙ୍କ ଠାରୁ ଉପକୃତ ହେଉଥିଲେ । ଏହି ବିଦ୍ୱାନ, ଶିକ୍ଷକ ତଥା ଇମାମଗଣଙ୍କର ସଂଖ୍ୟା ପ୍ରାୟ ପାଞ୍ଚ ଶହ ପର୍ଯ୍ୟନ୍ତ ପହଞ୍ଚି ଯାଉଥିଲା ଏବଂ ସେମାନେ ସ୍ୱର୍ଗତଙ୍କ ନିକଟରେ ଏକ ସପ୍ତାହ ଧରି ଅବସ୍ଥାନ କରୁଥିଲେ । ଅନ୍ୟ ଅର୍ଥରେ କହିବାକୁ ଗଲେ ଅଞ୍ଚଳର ବିଦ୍ୱାନ୍ ଇମାମ୍, ଶିକ୍ଷ, ତଥା ପୁରୋହିତଙ୍କର ବାର୍ଷିକ ମିଟିଂ ଆପଣଙ୍କ ନିକଟରେ ଆୟୋଜନ ହେଉଥିଲା। ତାଙ୍କର ଶିଷ୍ୟମାନେ କୁହନ୍ତି ଯେ, ସେହି ଦିନମାନଙ୍କରେ (ମିଟିଂ ଦିନମାନଙ୍କର) ଇମାମ୍ ସାହେବ କହୁଥିଲେ, ବର୍ତ୍ତମାନ ସତ୍ୟତା ପ୍ରକାଶିତ ହୋଇ ନାହିଁ । କାରଣ ସତ୍ୟ ଓ ସତ୍ୟତାକୁ ସ୍ୱୀକାର କରିଥିବା ଅନୁଗାମୀମାନଙ୍କର ସଂଖ୍ୟା ସର୍ବଦା ସ୍ୱଳ୍ପ ହୋଇଥାଏ । ଯେପରି ଏହି ଇମାମଗଣମାନେ ଆସି ମୋ ନିକଟରେ ବସିଛନ୍ତି ଏବଂ ପ୍ରକାଶ୍ୟ ରୂପେ ଏମାନେ ପରସ୍ପରକୁ ମୁସଲମାନ ବୋଲି ମନେକରନ୍ତି । କିନ୍ତୁ ଯେତେବେଳେ ସତ୍ୟତା ପ୍ରକାଶ୍ୟ ହେବ ସେତେବେଳେ ସେହି ଅନୁଗାମୀମାନଙ୍କର ସଂଖ୍ୟା ମଧ୍ୟ ହ୍ରାସ ପାଇବ । ଏହି ଲୋକମାନେ ମୋ ନିକଟରୁ ମଧ୍ୟ ଚାଲିଯିବେ (ଅର୍ଥାତ ଦୂରେଇ ଯିବେ) । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ଇମାମ୍ ସାହେବଙ୍କ ନିକଟରେ ପୁଣ୍ୟତା, ଧର୍ମପରାୟଣତା ଓ ଜ୍ଞାନ ରହିଥିବା ହେତୁ ସ୍ୱର୍ଗତ ଇମାମ୍ ସାହେବଙ୍କୁ ପରିସ୍ଥିତି ଅନୁଯାୟୀ ଏହାର ଆଭାସ ମିଳିଯାଇଥିଲା ଯେ, ସତ୍ୟତା ପ୍ରକାଶିତ ହେବ ଓ ଏହାପରେ ଅବତାରମାନଙ୍କ ସହିତ ବିରୋଧୀମାନଙ୍କର ଯେଉଁ ବ୍ୟବହାର ରହିଛି ତାହା ସେମାନେ ଅବଶ୍ୟ ସମ୍ପାଦନ କରିବେ ଅର୍ଥାତ ବିରୋଧ କରିବେ ।

ସେ ଯାହା ହେଉ ନା କିହଁକି ସେ ନିଜ ହୃଦୟରୁ ଯେଉଁ ସତ୍ୟତାକୁ ସ୍ୱୀକାର କରିଥିଲେ, ସେହି ସତ୍ୟତା ଯେତେବେଳେ ବି ତାଙ୍କ ନିକଟକୁ ଆସିବ ସେତେବେଳେ ସେ ତାହାକୁ ସାଦରରେ ସ୍ୱୀକରା କରିବେ । ୧୯୯୮ ମସିହାରେ ଡୋରି ଅଞ୍ଚଳରେ ନିୟମିତ ଭାବରେ ଜମାଅତ୍ ଅହେମଦିୟାର ମିଶନ ସ୍ଥାପନ ହେବାର ସୂଚନା ଯେତେବେଳେ ଇମାମ୍ ସାହେବଙ୍କୁ ପ୍ରାପ୍ତ ହେଲା ସେତେବେଳେ ପ୍ରଚାର ଅଭିଯାନରେ ଏକ ମାର୍କେଟରେ ଅଲ୍‌ହାଜ୍ ବିଦିଗା ସାହେବ ଜମାଅତ୍ ଅହେମଦିୟାର ନାମ ପ୍ରଥମ ଥର କରି ଶୁଣିଥିଲେ । ଇମାମ୍ ସାହେବ ୱଫାତେ ମସିହ୍‌କୁ ମାନନ୍ତି ଏବଂ ମସିହ୍ ଓ ମେହଦୀଙ୍କ ଆଗମନର ସୂଚନା ପ୍ରଦାନ କରନ୍ତି । ତେବେ ଇବ୍ରାହିମ୍ ବିଦିଗା ସାହେବ ୭ ଜଣ ବ୍ୟକ୍ତିଙ୍କ ସହିତ ମିଶନ ହାଉସ୍ ଆସିଲେ ଏବଂ ବହୁତ ଅନୁସନ୍ଧାନ ଓ ଗବେଷଣା ପରେ ଯାଇ ସେ ବୈଅତ୍ କରିଥିଲେ । ନିଜ ଜୋନ୍‌ରେ ପ୍ରଥମ ଅହେମଦି ହେବାର ସୌଭାଗ୍ୟ ଅର୍ଜନ କରିଥିଲେ ।

ବିରୋଧୀମାନେ ଏକଥା କୁହନ୍ତି ଯେ, ଅହେମଦିମାନେ ଗରିବ ଲୋକମାନଙ୍କୁ ଧନର ଲୋଭ ଦେଖାଇ ବୈଅତ୍ ତଥା ଅହେମଦି କରି ନିଅନ୍ତି ସେମାନଙ୍କୁ ଧର୍ମ ସଂକ୍ରାନ୍ତରେ କିଛି ଜଣା ନାହିଁ । ସେହି ଶୋହଦାମାନେ ସେମାନଙ୍କର ମୁହଁ ବନ୍ଦ କରିଦେଲେ । ସେମାନେ ସତ୍ୟାତକୁ ସନ୍ଧାନ ଓ ବୁଝି ବିଚାରି ସ୍ୱୀକାର କଲେ ଓ ପୁନଶ୍ଚ ବଳିଦାନ ମଧ୍ୟ ଦେଲେ ଏବଂ ସର୍ବୋଚ୍ଚ ଉଦାହରଣ ଉପସ୍ଥାପିତ କଲେ ।

ସେ ଯାହା ହେଉ ନା କାହିଁକି ଇବ୍ରାହିମ୍ ସାହେବଙ୍କ ସଂପର୍କରେ ଅତିରିକ୍ତ ଉଲ୍ଲେଖ ରହିଛି ଯେ, ସ୍ୱର୍ଗତ ଇବ୍ରାହିମ୍ ସାହେବଜମାଅତ୍‌ର ଜଣେ ନିର୍ଭୀକ ସିପାହୀ ଥିଲେ। ନିର୍ଭୀକ **ଦାଇ ଇଲଲ୍ଲାଃ** ଥିଲେ ଓ ପ୍ରକୃତ ଅର୍ଥରେ ଜଣେ ପାଗଳ ପ୍ରାୟ ଅହେମଦି ବ୍ୟକ୍ତି ଥିଲେ। ଆପଣଙ୍କ ଉଦ୍ୟମ ବଳରେ ଅଞ୍ଚଳରେ ଅହେମଦିୟତ୍ ବ୍ୟାପୀ ଥିଲା ଏବଂ ଅନେକ ଜମାଅତ୍ ସ୍ଥାପିତ ମଧ୍ୟ ହେଲା । ଜମାଅତ୍‌ର ପ୍ରତ୍ୟେକ ପ୍ରକାରର କାର୍ଯ୍ୟକଳାପରେ ଆପଣ ପ୍ରତିସ୍ୱର୍ଦ୍ଧିତ ଭାବରେ ଅଂଶ ଗ୍ରହଣ କରୁଥିଲେ । ଅହେମଦିୟତ୍ ସ୍ୱୀକାର କରିବା ପୂର୍ବରୁ ତାଙ୍କ ଆସ୍ଥାନୁଯାୟୀ ୱାହାବୀମାନଙ୍କର ଅଞ୍ଚଳ ବ୍ୟତୀତ ଅନ୍ୟ ସମସ୍ତ ଫିର୍କା (ସଂପ୍ରଦାୟ) କାଫିର୍ (ଅବଜ୍ଞାକାରୀ) ଥିଲେ । ଟି.ଭି ଦେଖିବା, ଫୁଟବଲ୍ ଖେଳିବା ଓ ଦେଖିବା, ବିଦ୍ୟାଳୟ ଯିବା, ଛବି ବା ଚିତ୍ର ଆଙ୍କିବା ପ୍ରଭୃତି ସମସ୍ତ କାର୍ଯ୍ୟ ସେମାନଙ୍କ ନିକଟରେ ଅବୈଧ ବୋଲି ଥିଲା । ଯେପରିକି ୱାହାବୀମାନଙ୍କର ଆସ୍ଥା ରହିଛି । ଉପରୋକ୍ତ କାର୍ଯ୍ୟଗୁଡ଼ିକ ଅବୈଧ ଅଟେ । କିନ୍ତୁ ତଥାପି ସେ ଯେତେବେଳେ ଅହେମଦିୟତ୍ ସ୍ୱୀକାର କରିନେଲେ ସେତେବେଳେ ସେ ସେହି ଜୀର୍ଣ୍ଣ ଆସ୍ଥା ଓ ଅନ୍ଧବିଶ୍ୱାସରୁ ନିଜକୁ ପୃଥକ କରିନେଲେ ଓ ଲୋକମାନଙ୍କୁ ମଧ୍ୟ ବୁଝାଇବାକୁ ଲାଗିଲେ ଯେ, ବାସ୍ତବତା ଏପରି ଅଟେ । ହ. ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କ କାଳରେ 2000 ମସିହାରେ ସେ, ଏଠାରେ ଅର୍ଥାତ ୟୁ.କେର ଜଲ୍‌ସା ସାଲାନାରେ ମଧ୍ୟ ସାମିଲ୍ ହେବାର ସାମର୍ଥ୍ୟ ଲାଭ କଲେ ।

ଇମାମ୍ ସାହେବଙ୍କୁ ତବ୍‌ଲିଗ୍‌ର ପ୍ରବଳ ଅଭିରୁଚି ରହିଥିଲା ।

ଯେପରିକି ପୂର୍ବେ ବର୍ଣ୍ଣିତ ହୋଇଛି ଯେ, ଅହେମଦିୟତ୍ ସ୍ୱୀକାର କରିବା ପୂର୍ବରୁ ମଧ୍ୟ ଇମାମ୍ ସାହେବ ଜଣେ ପ୍ରଭାବଶାଳୀ ତଥା ପହଞ୍ଚ ଓ ଅନେକ ଗ୍ରାମର ମୁଖ୍ୟ ଇମାମ୍ ରୂପେ ପରିଚିତ ଥିଲେ । ଅହେମଦିୟତ୍ ସ୍ୱୀକାର କରିବା ପରେ ନିଜକୁ ସଂପୂର୍ଣ୍ଣ ରୂପେ ତବ୍‌ଲିଗ୍ (ପ୍ରଚାର) ନିମନ୍ତେ ଉତ୍ସର୍ଗ କରି ଦେଇଥିଲେ । ଏପରି ପ୍ରତିତ ହେଉଥିଲା ଯେ, ସେ ଅନ୍ୟ କୌଣସି ପ୍ରସଙ୍ଗକୁ ଭୃକ୍ଷେପ କରୁ ନାହାନ୍ତି । ସେ ତବ୍‌ଲିଗର ୱାଟ୍‌ସଆପ୍ ଗ୍ରୁପ୍ ପ୍ରସ୍ତୁତ କରି ରଖିଥିଲେ ଯହିଁରେ ବିଶେଷ କରି ତମାଶୁକ୍ ଭାଷୀର ଲୋକମାନଙ୍କ ସକାଶେ ଏକ ଗ୍ରୁପ୍ ରହିଥିଲା । ସେହି ଗ୍ରୁପରେ ମାଲି, ନାଇଜିରିଆ, ଘାନା, ସାଉଦୀ ଆରବ, ଲିବିୟା, ତିଉନିସ୍, ଆଇଭରୀକୋଷ୍ଟ ଆଦି ରାଷ୍ଟ୍ରମାନଙ୍କରୁ ଲୋକମାନେ ସାମିଲ୍ ହେଉଥିଲେ । ଆପଣ ସେମାନଙ୍କୁ ଅହରହ ତବ୍‌ଲିଗ୍ କରୁଥିଲେ। ଦିନ ରାତି ଅଡ଼ିଓ ସନ୍ଦେଶ ରେକର୍ଡ଼ କରି ପ୍ରେରଣ କରୁଥିଲେ । ସେ ଦିନ ହେଉ କି ରାତି ହେଉ ସ୍ୱର୍ଗତ୍ ଇମାମ୍ ସାହେବ ଏହି କାର୍ଯ୍ୟରେ ନିଜକୁ ନିମଜ୍ଜିତ ରଖୁଥିଲେ । ପ୍ରତ୍ୟୁତ୍ତର ସ୍ୱରୂପ ସ୍ୱର୍ଗତ ଇମାମ୍ ସାହେବଙ୍କୁ ବିରୋଧର ସମ୍ମୁଖୀନ ହେବାକୁ ମଧ୍ୟ ପଡୁଥିଲା । ବିରୋଧୀମାନେ ଆପଣଙ୍କୁ ଗାଳି ଗୁଲଚ ଓ ଅପଶବ୍ଦ ଭାଷାରେ ସନ୍ଦେଶ ଲେଖି ମଧ୍ୟ ପ୍ରେରଣ କରୁଥିଲେ । ବିରୋଧୀମାନେ ସ୍ୱର୍ଗତ ଇମାମ୍ ସାହେବଙ୍କୁ ହତ୍ୟା ଧମକ ମଧ୍ୟ ଦେଉଥିଲେ । କିନ୍ତୁ ଆପଣ କେବେ ବି କାହା ସହିତ କ୍ରୋଧିତ ହୋଇ ବାର୍ତ୍ତାଳାପ କରୁ ନଥିଲେ । ବରଂ ହତ୍ୟା ଧମକ ଦେଉଥିବା ବ୍ୟକ୍ତିମାନଙ୍କୁ ଆପଣ କହୁଥିଲେ ଯେ, ମୁଁ ତୁମକୁ ଭଡ଼ା ପଠେଇ ଦେଉଛି ଆସ ଓ ମୋତେ ହତ୍ୟା କରିଦିଅ । ଯେତେବେଳେ ପରିସ୍ଥିତି ବିଗିଡ଼ିଲା ସେତେବେଳେ ମଧ୍ୟ ଆପଣ ମୁବଲ୍ଲିଗ୍ ଓ ମୁଅଲ୍ଲିମିନ୍‌ମାନଙ୍କୁ ମଧ୍ୟ କହୁଥିଲେ ଯେ, ତବ୍‌ଲିଗ୍ କରିବା ଉଚିତ୍ । ଏହି ଆଳ କରିବା କି ପରିସ୍ଥିତି ଭଲ ନାହିଁ ତେଣୁ ଆମେମାନେ ତବ୍‌ଲିଗି ଗସ୍ତ କରିପାରିବୁ ନାହିଁ । ସ୍ୱର୍ଗତ ଇମାମ୍ ସାହେବ ମୁବଲ୍ଲିଗ୍ ଓ ମୁଅଲ୍ଲମିନ୍‌ଙ୍କୁ କହୁଥିଲେ ଆପଣମାନେ ଗଣମାଧ୍ୟମ ଜରିଆରେ ତବଲିଗ୍ କରନ୍ତୁ । ଯଦି କୌଣସି ମୁବଲ୍ଲିଗ୍ କିମ୍ବା ମୁଅଲ୍ଲିମ୍‌ଙ୍କ ନିକଟରେ ନେଟ୍ ପ୍ୟାକ ରିଚାର୍ଜ କରିବା ନିମନ୍ତେ ପଇସା ନାହିଁ ତେବେ ମୋ ଠାରୁ ଆସି ଟଙ୍କା ନେଇ ଯାଆନ୍ତୁ । ସମାଜିକ ଗଣମାଧ୍ୟମର ଗ୍ରୁପ୍ ତିଆରି କରନ୍ତୁ ଓ ଘରେ ବସି ତବ୍‌ଲିଗ୍‌ର ଜିହାଦ୍‌ରେ ସାମିଲ ହୁଅନ୍ତୁ । ତବ୍‌ଲିଗ୍ କରିବାର ତାଙ୍କୁ ନିଶା ହୋଇ ଯାଇଥିଲା ।

ଏଠାକାର ମୁବଲ୍ଲିଗ୍ ନାସିର୍ ସିଧିୱୀ ସାହେବ କୁହନ୍ତି ଯେ, 1997 ମସିହାରେ ମୁଁ ବୁର୍କିନାଫାସୋ ଆସିଲି । ହ. ଖଲିଫତୁଲ୍ ମସିହ୍ ରାବେ ର.ଅ ଦାୱତେ ଇଲଲ୍ଲାଃର କାର୍ଯ୍ୟ ମୋତେ ହସ୍ତାନ୍ତରେ କଲେ । ତେବେ ମୋତେ ତମାଶୁକ୍ ଭାଷା ଆସୁ ନଥିଲା। ତେଣୁ ତିନି ମାସ ଲାଗିଗଲା ପ୍ଲାନିଂ କରିବାରେ । ଏହାପରେ ଗ୍ରାମାଞ୍ଚଳ ଗସ୍ତ କଲି । ତାଙ୍କର ସେହି ଗ୍ରାମର ଇମାମ୍ ସାହେବଙ୍କ ପାଖକୁ ମଧ୍ୟ ଗଲି । ତାଙ୍କୁ ଯେତେବେଳେ ୱଫାତେ ମସିହ୍ ଓ ମେହ୍‌ଦୀଙ୍କ ଆଗମନର ଖବର ମିଳିଲା ସେତେବେଳେ କୁହନ୍ତି ଯେ, ଇବ୍ରାହିମ୍ ବିଦିଗା ସାହେବ ସାତଜଣ ସଦସ୍ୟଙ୍କ ସହିତ ଆମର ଡୋରି ନାମକ ମିଶନ ହାଉସ ଆସିଗଲେ । ସେଠାରେ ପ୍ରଶ୍ନୋତ୍ତର ହେଲା । କୁହନ୍ତି ଯେ, ସ୍ୱର୍ଗତ ଇମାମ୍ ସାହେବ ମୋ ନିକଟରେ ତିନି ଦିନ ପର୍ଯ୍ୟନ୍ତ ରହିଲେ । ସେ ତିନି ଦିନ ପର୍ଯ୍ୟନ୍ତ ନା ନିଜେ ଶୋଇଲେ ଓ ନା ହିଁ ମୋତେ ଶୋଇବାକୁ ଦେଲେ । ଏହାପରେ ଏହି ଲୋକମାନେ ଚାଲିଗଲେ । ପ୍ରତିଦିନ ସକାଳୁ ସନ୍ଧ୍ୟା ଯାଏଁ ବାର୍ତ୍ତାଳାପ ହେଉଥିଲା । ଆସନ୍ତା ସପ୍ତାହ ସେ ପୁଣିଥରେ ଆସିଲେ ଏବଂ ନିଜର ନୂତନ ଇମାମ୍ ସାହେବଙ୍କୁ ସାଙ୍ଗରେ ଆଣିଥିଲେ । ଅନୁସନ୍ଧାନର ଏହି ପରମ୍ପରାଟି ତିନି ମାସ ପର୍ଯ୍ୟନ୍ତ ଅବ୍ୟାହତ ରହିଲା । ତାଙ୍କୁ ଅନେକ ପ୍ରଶ୍ନର ଉତ୍ତର ତ' ମିଳି ସାରିଥିଲା କିନ୍ତୁ ସେ ଅହେମଦିୟତ୍‌ରେ ପ୍ରବିଷ୍ଟ ହେବାର ବିଚାର କେବେ ସେ ବ୍ୟକ୍ତ କରିପାରୁ ନଥିଲେ । ସେ ଯାହା ହେଉ ନା କାହିଁକି ମୁଁ ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କୁ ଦୁଆ ପାଇଁ ପତ୍ର ଲେଖୁଥିଲି । ଦିନେ ଇମାମ୍ ସାହେବ ଆସିଲେ ଓ ବୈଅତ୍ ଫର୍ମ ପୂରଣ କଲେ । ମୁଁ ଇମାମ୍ ସାହେବଙ୍କୁ କହିଲି ଯେ, ଇମାମ୍ ସାହେବ ଅନ୍ୟମାନେ ଯେଉଁମାନେ ଆପଣଙ୍କ ସହିତ କ୍ରମାଗତ ଭାବରେ ଆସୁଥିଲେ ସେମାନେ କୁଆଡ଼େ ଗଲେ ? ସେମାନେ କେବେ ଅହେମଦିୟତ୍ ସ୍ୱୀକାର କରିବେ ? ପ୍ରତ୍ୟୁତ୍ତରରେ ଇମାମ୍ ସାହେବ କହିଲେ, ସେମାନେ ସମସ୍ତେ ଅହେମଦିୟତ୍ ସ୍ୱୀକାର କରିବେ । କିନ୍ତୁ ସର୍ବ ପ୍ରଥମେ ମୁଁ ଅହେମଦିୟତ୍‌ରେ ପ୍ରବିଷ୍ଟ କରିବାକୁ ଚାହୁଁଥିଲି । ତେଣୁ ମୁଁ ପ୍ରଥମେ ଆସିଗଲି ।

ବୁର୍କିନାଫାସୋର ଅମୀର ସାହେବ ଉଲ୍ଲେଖ କରନ୍ତି ଯେ, ପାଖାପାଖି 45 ଜଣ ଗ୍ରାମ ତାଙ୍କ ଅଧୀନ ଥିଲେ । ସେ (ଇମାମ୍ ସାହେବ) ହଜ୍ କରିଥିଲେ । ସେଠାରେ ରହି ଶିକ୍ଷା ପ୍ରାପ୍ତ କଲେ । ସେ ଭଲ ଆରବୀ ଭାଷା ଜାଣିଥିଲେ ଅର୍ଥାତ ସୁବକ୍ତା ଥିଲେ ଓ ସମଗ୍ର ଅଞ୍ଚଳରେ ସେ ବହୁତ ତବଲିଗ୍ କରିଥିଲେ । ସାଇକେଲ୍ ଯୋଗେ ସେ ଗାଁ ଗାଁ ବୁଲୁଥିଲେ ଏବଂ ଅଲ୍ଲାଃତାଲାଙ୍କ କୃପାରୁ ସେହି ଅଞ୍ଚଳର ଅନେକ ଅହେମଦିଙ୍କୁ ଅହେମଦିୟତ୍‌ର ଆଲୋକରେ ଆଲୋକିତ କଲେ । ତାଙ୍କ ମାଧ୍ୟମରେ ସେହି ଅଞ୍ଚଳର ବଡ଼ ବଡ଼ ଇମାମ୍ ଜମାଅତ୍ ଅହେମଦିୟାରେ ପ୍ରବିଷ୍ଟ ହୋଇଥିଲେ ଓ ସେହି ଅଞ୍ଚଳର ଅନେକ ଜମାଅତ୍‌ଗୁଡ଼ିକ ସ୍ୱର୍ଗତ ଇମାମ୍ ସେହାବଙ୍କ ତବ୍‌ଲିଗ୍ ପ୍ରଚେଷ୍ଟ ବଳରେ ହିଁ ସ୍ଥାପିତ ହେଲା । ସେ ଯେତେବେଳେ ବି ଲଣ୍ଡନ ଆସିବାକୁ ଇଚ୍ଛା ପ୍ରକାଶ କରୁଥିଲେ ସେତେବେଳେ ସର୍ବଦା ଏହା ପଚାରୁଥିଲେ ଯେ, ଉପସ୍ଥିତ ଖଲିଫାଙ୍କର କ'ଣ ହାଲ୍‌ଚାଲ୍ ରହିଛି (ଉପସ୍ଥିତ ଖଲିଫା କେମିତି ଅଛନ୍ତି) ? ସେ ଅତ୍ୟନ୍ତ ପ୍ରେମ ଓ ଆନ୍ତରୀକତାର ଭାବ ବ୍ୟକ୍ତ କରୁଥିଲେ ।

ହୁଜୁର ଅନୱର୍ ଅ.ବ କହିଲେ, ତାଙ୍କ ପ୍ରେମ ଓ ଆନ୍ତରୀକତାର ଉଦାହରଣ ଏହିପରି ଯେ, ଏମ୍.ଟି.ଏରେ ପିଲାମାନଙ୍କ ସହିତ ମୋର ଯେଉଁ କ୍ଲାସ୍ ହେଉଥିଲା ତାହା ଉର୍ଦ୍ଦୁ ଭାଷାରେ ପ୍ରସାରିତ ହେଉଥିଲା । କିନ୍ତୁ ଇମାମ୍ ସାହେବ ଉର୍ଦ୍ଦୁ ଭାଷାରୁ ସଂପୂର୍ଣ୍ଣ ରୂପେ ଅପରିଚିତ ଥିଲେ । ଏହି ଅପରିଚିତତା ସତ୍ତ୍ୱେ ଅତ୍ୟନ୍ତ ଆଗ୍ରହର ସହିତ ଏପରି କାର୍ଯ୍ୟକ୍ରମ ଦେଖୁଥିଲେ ଯେପରି ସେ ସବୁ ବୁଝୁଛନ୍ତି । ସେ କେବଳ ଏହା ହିଁ କହୁଥିଲେ ଯେ, ମୋ ପାଇଁ ଏହି ମଜ୍‌ଲିସ୍‌ରେ ବସିବା ଓ ଖଲିଫାଙ୍କୁ ଦେଖିବା ହିଁ ବିଶ୍ୱାସ ବୃଦ୍ଧିର କାରଣ ହୋଇଥାଏ ।

ଇମାମ୍ ସାହେବ ଅତିଥିପ୍ରିୟ, ଅତିଥି ସତ୍କାରକ ଓ ନିରବ ସ୍ୱଭାବର ବ୍ୟକ୍ତି ଥିଲେ। କିନ୍ତୁ ଯେତେବେଳେ ଜମାଅତ୍ ସକାଶେ କିଛି କହିବାକୁ ପଡୁଥିଲା ସେତେବେଳେ ସେ ଅତ୍ୟନ୍ତ ଭାବବିହ୍ୱଳ ହୋଇ କଥା କହୁଥିଲେ । ବାସ୍ତବ ରୂପେ କହିବାକୁ ଗଲେ ଇମାମ୍ ସାହେବ ଜଣେ ସଂପୂର୍ଣ୍ଣ ମୁବଲ୍ଲିଗଟିଏ ଥିଲେ । ଗୈର୍‌ଅହେମଦିଙ୍କ ସହିତ ସେ ବ୍ୟକ୍ତିଗତ ଭାବରେ ଓ ସାମୂହିକ ରୂପେ ମଧ୍ୟ ଅନେକ ଥର ମୁନାଜାରା (ବିତର୍କ) ତଥା ପ୍ରଶ୍ନୋତ୍ତର କରିଥିଲେ ।

ପୁନଶ୍ଚ ସେଠିକାର ଆଉ ଜଣେ ମୁବଲ୍ଲିଗ୍ ସାହେବ ମୁହିବୁଲ୍ଲାଃ ସାହେବ କୁହନ୍ତି ଯେ, ସେହି ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ସେ ବ୍ୟକ୍ତିଗତ ଭାବରେ ଜାଣିଥିଲେ । କାରଣ ମୁଁ ସେଠାରେ ଅନେକ ସମୟ ଯାଉଥିଲି । ଖିଲାଫତ୍ ପ୍ରତି ତାଙ୍କର ଗଭୀର ଆସ୍ଥା ଓ ବିଶ୍ୱସ୍ତତାର ସଂପର୍କ ରହିଥିଲା । ଅତିଥିପ୍ରିୟ, ଅତିଥି ସତ୍କାରକ ଓ ଜଣେ ବିଶ୍ୱସ୍ତ ବ୍ୟକ୍ତି ଥିଲେ । ମହୋଦୟ କୁହନ୍ତି ଯେ, ଯେତେବେଳେ ସମସ୍ତ ଯୁବକମାନେ ପୁରାଦିନ କାର୍ଯ୍ୟ କରୁଥିଲେ ସେତେବେଳେ ଏହି ବରିଷ୍ଠ ବ୍ୟକ୍ତି ମସ୍‌ଜିଦ୍ ସମ୍ମୁଖରେ ନିର୍ମିତ ପିଣ୍ଡି ଉପରେ ବସି ଏମ୍.ଟି.ଏ ଦେଖୁଥିଲେ । ମୁହିବୁଲ୍ଲାଃ ସାହେବ କୁହନ୍ତି

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ଯେ, ଯେତେବେଳେ ଇମାମ୍ ସାହେବଙ୍କ ଶାହାଦତ୍ ହେଲା ସେତେବେଳେ ଘଟଣା ଘଟିବା ପରେ ତୁରନ୍ତ ମୋ ନିକଟକୁ ଜଣେ ଯୁବକର ଫୋନ୍ ଆସିଲା ଯେ, ଏହିପରି ନୃଶଂସନୀୟ ଭାବରେ ଆମର ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କୁ ଶହୀଦ କରି ଦିଆଯାଇଛି ଏବଂ ଆତଙ୍କବାଦୀମାନେ ଇମାମ୍ ସାହେବଙ୍କୁ କହିଲେ, ସେ ଯଦି ଅହେମଦିୟତ୍ ଛାଡ଼ି ଦିଅନ୍ତି ତେବେ ସେମାନେ ତାଙ୍କୁ ଜୀବିତ ଛାଡ଼ିଦେବେ । ଇମାମ୍ ସାହେବ କିନ୍ତୁ ଶାହଦତ୍‌କୁ ପ୍ରାଧାନ୍ୟ ଦେଇ ବୀରଗତି ପ୍ରାପ୍ତ କଲେ । ସେହି ଯୁବକଙ୍କ କହିବାନୁସାରେ, ଯଦି ଏହି ଆତଙ୍କବାଦୀମାନେ ଆମ ସମସ୍ତଙ୍କୁ ଶହୀଦ୍ କେରିଦିଅନ୍ତି ତେବେ ମଧ୍ୟ ଆମେମାନେ ଅହେମଦିୟତ୍‌ରୁ ପଛଘୁଞ୍ଚା ଦେବୁ ନାହିଁ । ଏମାନେ କେବଳ ୨ ଜଣ ଅନସାର୍ ଥିଲେ । ଆତଙ୍କବାଦୀମାନେ ଯଦି ଆମ ଖୁଦାମ୍, ଲଜ୍‌ନାଙ୍କୁ ବି ଶହୀଦ୍ କରି ଦିଅନ୍ତି ତେବେ ମଧ୍ୟ ଆମେମାନେ ଅହେମଦିୟତ୍ ଛାଡ଼ିବୁ ନାହିଁ । **ଇନ୍‌ଶାଅଲ୍ଲାଃ** । ହୁଜୁର ଅନ୍‌ଓ୍ୱର ଅ.ବ କହିଲେ, ଏହା ହେଉଛି ପ୍ରକୃତ ଆତ୍ମା ସେହି ନୈଷ୍ଠିକ ଅହେମଦିମାନଙ୍କ ମଧ୍ୟରେ ରହିଛି ଯାହାକୁ ଜମାଅତ୍‌ର ଆବାଳବୃଦ୍ଧ ବନିତାମାନେ ନିଜ ମଧ୍ୟରେ ସୃଷ୍ଟି କଲେ । ଯେତେବେଳେ ମୁରବି ଲୋକମାନେ ନିଜେ ସଂସ୍କାରୀ ହୋଇଥିବେ, ଆଦାର୍ଶବାଦୀ ହୋଇଥିବେ ଓ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଥିବେ ତେବେ ସେପରିପ୍ରେକ୍ଷୀରେ ଯୁବକମାନେ ଓ ମହିଳାମାନଙ୍କ ଠାରେ ମଧ୍ୟ ଏହି ବିଶ୍ୱାସ ଓ ଉତ୍ସାହ ସୃଷ୍ଟି ହୋଇଥାଏ ।

ସ୍ଥାନୀୟ ମୁବଲ୍ଲିଗ୍ ମାଏଗା ୟତ୍‌ଜାନ୍ ସାହେବ କୁହନ୍ତି ଯେ, ଇମାମ୍ ସାହେବଙ୍କୁ ଯେତେବେଳେ ହତ୍ୟା ଧମକ ଦିଆଯାଉଥିଲା ସେତେବେଳେ ଶାହାଦତ୍‌ର କିଛି ଦିନ ପୂର୍ବେ ସେ ମୋତେ ଉକ୍ତ ଘଟଣା ସଂପର୍କରେ ଚର୍ଚ୍ଚା କଲେ ଯେ, ମୋତେ ବିରୋଧୀମାନେ ହତ୍ୟା ଧମକ ଦେଉଛନ୍ତି । ସମ୍ଭବତଃ ଏମାନେ ନିଜର ଉଦ୍ଦେଶ୍ୟରେ ସଫଳ ହେବେ। ଇମାମ୍ ସାହେବଙ୍କ ଉତ୍ତମ ଚରିତ୍ରବତ୍ତା ସଂପର୍କରେ ମାଏଗା ୟତ୍‌ଜାନ୍ ସାହେବ କୁହନ୍ତି ଯ, ନିଜର ପରିବାର ଓ ସଂପର୍କୀୟମାନଙ୍କ ପ୍ରତି ସଦ୍‌ବ୍ୟବହାର ପ୍ରଦର୍ଶନ କରୁଥିଲେ । ସମସ୍ତଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା ଆପଣଙ୍କର ଅଭ୍ୟାସ ଥିଲା । ଅନ୍ୟମାନଙ୍କ ପାଇଁ ବଳିଦାନ ଦେବା ତାଙ୍କର ବିଶେଷତା ଥିଲା । ଜମାଅତ୍‌ର ପ୍ରତ୍ୟେକ ପ୍ରକାରର କାର୍ଯ୍ୟକଳାପରେ ଆପଣ ଅଂଶ ଗ୍ରହଣ କରୁଥିଲେ । ଆପଣ ଅଞ୍ଚଳର ଜଣେ ସମ୍ମାନିତ ଓ ଖ୍ୟାତି ସମ୍ପନ୍ନ ବ୍ୟକ୍ତି ଥିଲେ । ଲୋକମାନେ ଆପଣଙ୍କୁ ବହୁତ ସମ୍ମାନ ଜଣାଉଥିଲେ।

ଇବ୍ରାହିମ୍ ସାହେବ ଯେତେବେଳେ କୌଣସି ନିଷ୍ପତ୍ତି ନେଉଥିଲେ କିମ୍ବା କୌଣସି କଥା କହୁଥିଲେ ସେତେବେଳେ ଲୋକମାନେ ତାଙ୍କ କଥାକୁ ସାଦରରେ ମାନି ନେଉଥିଲେ । ଇମାମ୍ ସାହେବଙ୍କ ଶିଷ୍ୟଙ୍କ ସଂଖ୍ୟା ବହୁତ ଅଧିକ ଥିଲା । ତନ୍ମଧ୍ୟରୁ କେତେକ ଶିଷ୍ୟମାନେ ପଡ଼ୋଶୀ ରାଷ୍ଟ୍ରରେ ଇମାମ ଓ ମୁଅଲ୍ଲିମ୍ ଭାବରେ କାର୍ଯ୍ୟ ସମ୍ପାଦନ କରୁଛନ୍ତି । ବୁର୍କିନାଫାସୋରେ ମଧ୍ୟ ଅନେକ ମୁଅଲ୍ଲିମ୍ ଓ ଲୋକାଲ ମିଶନାରୀମାନେ କାର୍ଯ୍ୟରତ ଅଟନ୍ତି । ପୁଣ୍ୟାବଳୀ ଓ ଧର୍ମପରାୟଣତା ତଥା ପୁଣ୍ୟରେ ପ୍ରବର୍ଦ୍ଧିତ ହେବା ନିମନ୍ତେ ଅନ୍ୟମାନଙ୍କ ପାଇଁ ଆଦର୍ଶ ଥିଲେ ।

ଇମାମ୍ ସାହେବ ଯେତେବେଳେ ବି ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ କୌଣସି ପ୍ରସଙ୍ଗ ନିମନ୍ତେ ତେହ୍‌ରିକି (ଆହ୍ୱାନ) କରୁଥିଲେ ସେତେବେଳେ ସର୍ବପ୍ରଥମେ ସ୍ୱୟଂ ତହିଁରେ ଭାଗ ନେଉଥିଲେ । ଯଦି କୌଣସି ଆର୍ଥିକ ବଳିଦାନ ହେଲା ସେତେବେଳେ ସର୍ବପ୍ରଥମେ ସ୍ୱୟଂ ସାମିଲ୍ ହେଉଥିଲେ । କେବେ ବି ଜମାଅତ୍‌ର କାର୍ଯ୍ୟରେ, ଜଲ୍‌ସାମାନଙ୍କରେ, ଇଜ୍‌ତିମାମାନଙ୍କରେ ଓ ଅନ୍ୟାନ୍ୟ ଉତ୍ସାହପୂର୍ବକ କାର୍ଯ୍ୟରେ ପଛରେ ରହୁ ନଥିଲେ। ପାଞ୍ଚବେଳା ନମାଜ ସେ ମସ୍‌ଜିଦ୍‌ରେ ପାଠ କରୁଥିଲେ । ସେ ନିୟମାନୁବର୍ତ୍ତୀ ହୋଇ ନମାଜ ତେହଜ୍ଜୁଦ୍ ପାଠ କରୁଥିଲେ । ଜମାଅତ୍‌ର କୌଣସି ଉତ୍ସାହମୂଳକ କାର୍ଯ୍ୟକ୍ରମରେ ସେ ଯଦି ଉପସ୍ଥିତ ନହୁଅନ୍ତି ତେବେ ଏହା ପଛର କାରଣ ଏହା ହେଉଥିଲା କି ଇମାମ୍ ସାହେବ ଅସୁସ୍ଥ ଅଟନ୍ତି ଅବା କୌଣସି ଯାତ୍ରାରେ ଗମନ କରିଛନ୍ତି । ଜମାଅତୀୟ କାର୍ଯ୍ୟରେ ଅଂଶଗ୍ରହଣ କରିବା ସକାଶେ କେବେ ବି ଅର୍ଥ ଖର୍ଚ୍ଚ ହୋଇଯିବାର ଭ୍ରୂକ୍ଷେପ କରୁ ନଥିଲେ । ଇମାମ୍ ସାହେବ ଦୁଇଟି ବିବାହ କରିଥିଲେ ଦୁଇ ପତ୍ନୀଙ୍କ ଗର୍ଭରୁ ଅଲ୍ଲାଃତାଲା ଇମାମ୍ ସାହେବଙ୍କୁ 11 ଜଣ ସନ୍ତାନ ପ୍ରଦାନ କରିଥିଲେ ।

ଖାଲିଦ୍ ମେହ୍‌ମୁଦ୍ ସାହେବ ନାମକ ଜଣେ ମୁବଲ୍ଲିଗ୍ ସିଲ୍‌ସିଲା ଉଲ୍ଲେଖ କରନ୍ତି ଯେ, ଏହି ଶୋହଦାମାନେ ନିଷ୍ଠା ଓ ବିଶ୍ୱସ୍ତତାରେ ପରିପୂର୍ଣ୍ଣ ଥିଲେ । ଖିଲାଫତ୍ ପାଇଁ ପାଗଳ ପ୍ରାୟ ଅହେମଦି ଥିଲେ । ହୁଜୁର ଅନ୍‌ଓ୍ୱର୍ ଅ.ବ କୁହନ୍ତି, 2004 ମସିହାରେ ଯେତେବେଳେ ଖିଲାଫତ୍ ଜୁବ୍‌ଲୀର ବର୍ଷ ଥିଲା ମୁଁ ସେତେବେଳେ ଘାନା ଗସ୍ତରେ ଥିଲି ଓ ସେଠିକାର ଜଲ୍‌ସାକୁ ଯାଇଥିଲି । ତେବେ ହଜାର ହଜାର ସଂଖ୍ୟକ ଅହେମଦି ସଦସ୍ୟବୃନ୍ଦ ବୁର୍କିନାଫାସୋ ଓ ମାଲି ଆଦି ଅଞ୍ଚଳରୁ ମୋତେ ସାକ୍ଷାତ୍ କରିବା ପାଇଁ ଦଉଡ଼ି ଆସିଥିଲେ । ଇତ୍ୟବସରରେ ଘାନା ଜମାଅତ୍ ଆତିଥ୍ୟତା ଓ ରହଣୀର ଉତ୍ତମ ବ୍ୟବସ୍ଥା କରିଥିଲା । କିନ୍ତୁ ଏହାସତ୍ତ୍ୱେ ମଧ୍ୟ କେତେକ ସଦସ୍ୟ ଯେଉଁମାନେ ଡୋରି ଅଞ୍ଚଳରୁ ଆସିଥିଲେ ଓ ଜଲ୍‌ସାରେ ସାମିଲ୍ ହୋଇଥିଲେ ସେମାନଙ୍କୁ ଭୋଜନ ମିଳିବାର ବିଳମ୍ବ ଘଟିଲା ଅବା ଭୋଜନ ମିଳିଲା ନାହିଁ । ଏହାପରେ ଅନେକ ସମୟ ପରେ ରାତିରେ ବଜାରରୁ ଖାଇବା ମଗେଇ ସେମାନଙ୍କୁ ଖାଇବା ନିମନ୍ତେ ଦିଆଗଲା। ତେଣୁ ଏହି ଅସୁବିଧା ହେତୁ ମୁଁ (ହୁଜୁର ଅନଓ୍ୱର୍ ଅ.ବ) ମୁବଲ୍ଲିଗ୍ ସାହେବ (ଖାଲିଦ୍ ସାହେବ)ଙ୍କୁ କହିବାରୁ ମୁବଲ୍ଲିଗ୍ ସାହେବ ସେହି ଭୋକିଲା ଅତିଥିଙ୍କୁ ଭେଟିଲେ ଓ ମୋ ପକ୍ଷରୁ (ହୁଜୁର ଅନଓ୍ୱର୍ ଅ.ବ) କ୍ଷମାପ୍ରାର୍ଥନା କରି ଦିଅନ୍ତୁ ଓ ଅତିଥିଙ୍କ ପ୍ରତି ସହୃଦୟତା ପ୍ରଦର୍ଶନ କରନ୍ତୁ । ତେବେ ମୁବଲ୍ଲିଗ୍ ସାହେବ ହୁଜୁର ଅନ୍‌ଓ୍ୱର୍ ଅ.ବଙ୍କ ଆଦେଶ କ୍ରମେ ତୁରନ୍ତ ସେମାନଙ୍କ ନିକଟକୁ ଯାଇ କ୍ଷମା ପ୍ରର୍ଥନା କଲି ଏବଂ ହୁଜୁର ଅନଓ୍ୱର୍ ଅ.ବଙ୍କ ଏହି ସନ୍ଦେଶ ଯେତେବେଳେ ସେମାନେଙ୍କୁ ଦେଲି ସେତେବେଳେ ଅଲ୍‌ହାଜ୍ ଇବ୍ରାହିମ୍ ସାହେବ ଯେକି ସଦର ଜମାଅତ୍ ଥିଲେ ସେ ସେହି କ୍ଷଣ ସମସ୍ତ ଲୋକମାନଙ୍କ ସହିତ ଏକ ସ୍ୱର ହୋଇ କହିଲେ, ଉପସ୍ଥିତ ଖଲିଫାଙ୍କୁ ଆମମାନେ ସାକ୍ଷାତ୍ କରିବା ପାଇଁ ଆସିଥିଲୁ, ଆମେ ତାଙ୍କୁ ଦେଖିନେଲୁ ଓ ଭେଟି ନେଲୁ ଆମର ସମସ୍ତ କ୍ଲାନ୍ତ ଓ କ୍ଷୁଧା ସମାପ୍ତ ହୋଇଯାଇଛି । ଆମେ କୌଣସି ଅଭିମାନ କି ଅଭିଯୋଗ କରୁ ନାହୁଁ । ବରଂ ଆମେମାନେ ତ' ପରସ୍ପର ମଧ୍ୟରେ ବସି ଉକ୍ତ ସାକ୍ଷାତ୍‌କାର ସଂପର୍କରେ ଚର୍ଚ୍ଚା କରୁଛୁ ଓ ଏହାର ଆନନ୍ଦ ନେଉଛୁ । ସେ ଯାହା ହେଉ ନା କାହିଁକି ସେତେବେଳେ ମୁଁ ମଧ୍ୟ ଚିନ୍ତିତ ଥିଲି ଯେ, ଏତେ ଦୂରରୁ ଆପଣମାନେ ଯାତ୍ରା କରି ଆସିଛନ୍ତି, ଅନେକ ଲୋକମାନେ ସାଇକେଲ୍‌ରେ ମଧ୍ୟ ଆସିଥିଲେ ସେମାନଙ୍କ ପାଇଁ ମଧ୍ୟ ବ୍ୟବସ୍ଥା ହୋଇ ପାରିଲା ନାହିଁ । ସେମାନଙ୍କ ପାଇଁ ତୁରନ୍ତ ବ୍ୟବସ୍ଥା କରାଯିବା ପାଇଁ ପ୍ରୟାସ କରାଗଲା । କିନ୍ତୁ ସେମାନଙ୍କର ନିଷ୍ଠା ଓ ବିଶ୍ୱସ୍ତତା ଏପରି ଥିଲା ଯେ, ମୁଁ ଆଶ୍ଚର୍ଯ୍ୟ ଚକିତ ହୋଇଯାଇଥିଲି । ସେତେବେଳେ ମଧ୍ୟ ମୋତେ ସେମାନଙ୍କର ସନ୍ଦେଶ ପ୍ରାପ୍ତ ହୋଇଥିଲା ଓ ମୁଁ ସେତେବେଳେ ମଧ୍ୟ ଆଶ୍ଚର୍ଯ୍ୟ ଚକିତ ଥିଲି ଯେ, ଏମାନେ କିପରି ଦୃଢ଼ ବିଶ୍ୱାସୀ ବ୍ୟକ୍ତି ଅଟନ୍ତି ?

ମୁଅଲ୍ଲିମ୍ ଅଲହାଜ୍ ମେହ୍‌ମୁଦ୍ ଡେକୁ ସାହେବ କୁହନ୍ତି, ଶରୀଫ୍ ଓହ୍‌ଦେ ସାହେବ ବେନିନ୍ ଗସ୍ତରେ ଆସିଥିଲେ । ତେବେ ଇମାମ୍ ସାହେବ ବୁର୍କିନାଫାସୋରୁ ବସରେ ଆରୋହଣ ହୋଇ ଅହୋରାତ୍ର ଯାତ୍ରା କେଲେ ଏବଂ ଏକ ହଜାର କି.ମିର ଯାତ୍ରା କରି ସକାଳ ତିନିଟା ବେଳେ ସେଠାରେ ପହଞ୍ଚିଗଲେ । 30 ଘଣ୍ଟାର କ୍ଲାନ୍ତମୟ ଯାତ୍ରା ଥିଲା। ସେଠିକାର ସଡ଼କ ମଧ୍ୟ ଭଲ ନଥିଲା ଏବଂ ସେ ପ୍ରସନ୍ନଚିତ୍ତ ପ୍ରଫୁଲ୍ଲିତ ବ୍ୟକ୍ତି ଥିଲେ । ଆଗକୁ ପୁଣି ଦୀର୍ଘ ଯାତ୍ରା କରିବାର ଥିଲା । ସୁତରାଂ ଇମାମ୍ ସେହାବ ମଧ୍ୟ ଓହ୍‌ଦେ ସାହେବଙ୍କ ସହିତ ଆଗକୁ ଯାତ୍ରା କଲେ ଏବଂ ସମସ୍ତ କାର୍ଯ୍ୟକ୍ରମରେ ସାମିଲ୍ ହେଲେ ।

ଇମାମ୍ ସାହେବ ଜମାଅତ୍‌ର ସେବା କରିବାକୁ ପ୍ରବଳ ଆଗ୍ରହ ପ୍ରକାଶ କରୁଥିଲେ। ବେନିନ୍ ଠାରେ ମସ୍‌ଜିଦଗୁଡ଼ିକୁ ଦେଖି ସେ ବହୁତ ଆନନ୍ଦିତ ହେଉଥିଲେ ଏବଂ କହୁଥିଲେ, ହେଇ ଦେଖ ! ଏହା ମଧ୍ୟ ହ. ମସିହ୍ ମଉଦ୍ ଅ.ସଙ୍କ ସତ୍ୟତାର ଏକ ଜ୍ୱଳନ୍ତ ପ୍ରମାଣ ଓ ନିଦର୍ଶନ । ଏହିପରି ଭାବରେ ଅଣଅହେମଦିମାନଙ୍କ ସହିତ ଯେଉଁ ବିତର୍କ ହେଉଥିଲା ତହିଁରେ ସେ ଆରବୀରେ ଜଣେ ଉଚ୍ଚ ଲାଳିତ୍ୟ ସମ୍ପନ୍ନ ଓ ଓଜସ୍ୱୀ ଭାଷଣ ଦେଉଥିଲେ । ଶରୀଫ୍ ଓହ୍‌ଦେ ସାହେବଙ୍କ ସହିତ ମୌଲବୀମାନଙ୍କର ବିତର୍କ ଚାଲିଥିଲା। ସେତେବେଳେ ମୌଲବୀମାନେ କୌଣସି ଭୁଲ କଥା କହିବାରୁ ଇମାମ୍ ସାହେବ କ୍ରୋଧିତ ହୋଇ ସେମାନଙ୍କୁ ଉତ୍ତର ଦେବାକୁ ଚାହିଁଲେ । କିନ୍ତୁ ତାଙ୍କୁ ଯେତେବେଳେ ନିରବ ରହିବା ନିମନ୍ତେ କୁହାଗଲା ସେତେବେଳେ ସେ ତୁରନ୍ତ ବସିଗଲେ। ପୁନଶ୍ଚ ଅଣଅହେମଦିମାନେ କହିଲେ ଯେ, ଆଚ୍ଛା ତୁମେମାନେ ଯଦି ଭାବୁଛ ଯେ, ଆମେମାନେ ମୁସଲମାନ ଅଟୁ ତେବେ ତୁମେମାନେ ଆମ ପଛରେ କାହିଁକି ନମାଜ ପଢୁ ନାହଁ । ପ୍ରତ୍ୟୁତ୍ତରରେ ସେ ସେତେବେଳେ ଛିଡ଼ା ହୋଇ କହିଲେ ଯେ, ତୁମେମାନେ ପରା ଆମକୁ କାଫିର୍ (ଅବଜ୍ଞାକାରୀ) ବୋଲି କହୁଛ ଓ ଆମର ସମୟର ଧର୍ମାଧ୍ୟକ୍ଷଙ୍କୁ ସ୍ୱୀକାର କରୁ ନାହଁ । ତେଣୁ ଏହା କିପରି ସମ୍ଭବ ଯେ, ଆମେମାନ ତୁମ

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah, Jamat Ahmadiya Kerang (Odisha)

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya Kerang, Darul Fazal (Odisha)

ପଛରେ ନମାଜ ପିଢିନେବୁ ? ତେଣୁ ତୁମେମାନେ ହ. ମସିହ୍ ମଉଦ୍ ଅ.ସଙ୍କୁ ସମୟର ଧର୍ମାଧ୍ୟକ୍ଷ ରୂପେ ସ୍ୱୀକାର କରନିଅ ଆମେମାନେ ତୁମମାନଙ୍କ ପଛରେ ନମାଜ ପଢିନେବୁ ।

ବେନିନ୍‌ର ଜଣେ ଅବସରପ୍ରାପ୍ତ ସ୍ଥାନୀୟ ମୁଅଲ୍ଲିମ ସାହେବ କୁହନ୍ତି ଯେ, ଇମାମ୍ ସାହେବ ଉପସ୍ଥିତ ଖଲିଫାଙ୍କୁ ପ୍ରେମର ଏକ ଜୀବନ୍ତ ଓ ନିଚ୍ଛକ ପ୍ରତିଛବି ଥିଲେ । ଇମାମ୍ ସାହେବ କହୁଥିଲେ ଯେ, ମୋତେ ଯେତେବେଳେ ଅହେମଦିୟତ୍‌ର ବାର୍ତ୍ତା ପ୍ରାପ୍ତ ହେଲା (ପାକିସ୍ତାନୀ ମୁବଲ୍ଲିଗ୍ ତାଙ୍କୁ ଅହେମଦିୟତ୍‌ର ସନ୍ଦେଶ ଦେଇଥିଲେ) ସେତେବେଳେ ମୁଁ ସେହି ଦିନରୁ ଅହେମଦି ହୋଇ ସାରିଥିଲି । ମୁଁ ଏହା ଶିଖିଲି ଯେ, ସଂସାରର ସଫଳତା କେବଳ ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ଓ ଏହା ହିଁ ସେହି ପ୍ରକୃତ ମାର୍ଗ ଅଟେ । ମୁଁ ମୃତ୍ୟୁ ପର୍ଯ୍ୟନ୍ତ ଏହି ମାର୍ଗରେ ଅବିଚଳ ହୋଇ ରହିଥିବି । ମୁଅଲ୍ଲିମ୍ ସାହେବ କୁହନ୍ତି ଯେ, ବାସ୍ତବରେ ଇମାମ୍ ସାହେବ ଯାହା କହିଥିଲେ ତାହାକୁ ସେ ସତ କରି ମଧ୍ୟ ଦେଖାଇଦେଲେ ।

ପୁନଶ୍ଚ ବେନିନ୍‌ର ଇସା ସାହେବ ନାମକ ଜଣେ ସ୍ଥାନୀୟ ମୁଅଲ୍ଲିମ୍ ସାହେବ ଅଟନ୍ତି ସେ କୁହନ୍ତି ଯେ, ମୋର ଓ ସ୍ୱର୍ଗତ ଇିମାମ୍ ସାହେବଙ୍କ ସହିତ ଦୀର୍ଘ ଦିନର ସଂପର୍କ ଥିଲା । ଇମାମ୍ ସାହେବ ଏପରି ଅହେମଦି ଥିଲେ ଯାହାଙ୍କୁ କାହା ସହିତ କୌଣସି ମତାନ୍ତର ନଥିଲା । ସେ ଜଣେ ପ୍ରକୃତ ଅହେମଦି ଥିଲେ । ଏଭଳି ଅହେମଦି ଯିଏ ପ୍ରତ୍ୟେକ କର୍ମ ତଥା ପ୍ରତ୍ୟେକ କାର୍ଯ୍ୟରେ ଆଗୁଆ ଥିଲେ । ଅର୍ଥାତ ଚାନ୍ଦାରେ ଓ ଅନ୍ୟାନ୍ୟ ବଳିଦାନରେ ମଧ୍ୟ ଆଗୁଆ ଥିଲେ । ଏହି କାରଣରୁ ତାଙ୍କ ଯୋଗୁଁ ଅନ୍ୟ ଆଠ ଜଣ ଅନ୍‌ସାର୍‌ମାନେ ମଧ୍ୟ ତାଙ୍କ ପଛେ ପଛେ ଲବ୍‌ବୈକ୍ କହି ନିଜର ଜୀବନକୁ ପ୍ରଭୁଙ୍କ ସମକ୍ଷରେ ବଳିଦାନକାରୀ ବ୍ୟକ୍ତି ରୂପେ ବିବେଚିତ ହୋଇଗଲେ ।

ବୁର୍କିନାଫାସୋର ଯାମିଆ ଅହେମଦିୟାର ଅଧ୍ୟକ୍ଷ ଉଲ୍ଲେଖ କରନ୍ତି: ଜଣେ ବ୍ୟକ୍ତି ସ୍ୱପ୍ନ ଦେଖିଲା । ଅତଃ ହ. ଖଲିଫତୁଲ୍ ମସିହ୍ ରାବେ (ଚତୁର୍ଥ ଖଲିଫା) ଅମୀର ଜମାଅତ୍‌କୁ ପତ୍ର ଲେଖି ପ୍ରେରଣ କଲେ ଯେ, "ଇମାମ୍ ସାହେବଙ୍କ ସ୍ୱପ୍ନ କଲ୍ୟାଣମୟ ଅଟେ ଓ ଏହାର ଅର୍ଥ ଦେଶର ଭୂମି ସତ୍ୟକୁ ଗ୍ରହଣ କରିବା ନିମନ୍ତେ ଉର୍ବର ଏବଂ ମୋ ଗସ୍ତ ପରେ **ଇନ୍‌ଶାଅଲ୍ଲାଃ** ଭୂମି ସତ୍ୟତାକୁ ଗ୍ରହଣ କରି ଆଲୋକି ହୋଇ ଉଠିବ। ଭଗବାନ କରନ୍ତୁ ତାହା ହିଁ ହେଉ ।" **(ପତ୍ର-ସମ୍ମାନନୀୟ ଅତିରିକ୍ତ ୱକିଲୁତ୍ ତବଶୀର ସାହେବ, ଲଣ୍ଡନ-T.3360, ତା-19 ଜୁନ୍ 1990 ମସିହା)**

ମୁଁ ଭାବୁଛି ଯେ, ହ. ଖଲିଫୁତଲ୍ ମସିହୁର୍ ରାବେ ର.ଅଙ୍କ ସେଠାରେ ଗସ୍ତ ତ' କରି ନଥିଲେ । ସେ ଯାହାହେଉ ନା କାହିଁକି ମୁଁ 2004 ମସିହାରେ ଗସ୍ତରେ ସେଠାରେ ଯାଇଥିଲି । ଏହାପରେ ମୋତେ ପୂର୍ଣ୍ଣ ବିଶ୍ୱାସ ହୋଇଗଲା ଯେ, ବୁର୍କିନାଫାସୋର ଭୂମିରେ ଅହେମଦିୟତ୍‌ର ଯେଉଁ ବୀଜ ବପନ କରାଗଲା ତାହା ଶୀଘ୍ର ସାର୍ବକାଳୀନ ବୃକ୍ଷରେ ପରିଣତ ହୋଇ ଫଳ ଧରିବ ।

ବୁର୍କିନାଫାସୋର ଲୋକମାନେ ବାସ୍ତବରେ ମହାନ୍ ଅଟନ୍ତି ଏବଂ ମୁଁ ଅନନ୍ଦିତ ଯେ, ଅଲ୍ଲାଃତାଲା ସେମାନଙ୍କୁ ଅହେମଦିୟତ୍‌ର ଆଲୋକରେ ଆଲୋକିତ କଲେ। ବୁର୍କିନାଫାସୋର ଜମାଅତ୍‌ରେ ମୁଁ ଯେଉଁ ଜାଗରଣ ଦେଖିଛି ତାହା ଅଭୂତପୂର୍ବ । ମୁଁ ଆଶା କରୁଛି ଯେ, ଆସନ୍ତା ଦୁଇ ତିନି ବର୍ଷରେ ଏହି ଗସ୍ତର ଭବ୍ୟ ପରିଣାମ ମଧ୍ୟ ପ୍ରକାଶିତ ହେବ ଏବଂ ଜମାଅତ୍ ଦ୍ରୁତ ଗତିରେ ଉନ୍ନତି କରିବ । **ଇନ୍‌ଶାଅଲ୍ଲାଃ** ।

**(ପ୍ରାପ୍ତ ପତ୍ରାନୁଯାୟୀ-T.9653, ତା- 1 ମେ 2004 ମସିହା)**

ତେବେ ମୁଁ ନିଜର ଗସ୍ତ ପରେ ଇମାମ୍ ସାହେବଙ୍କୁ ପତ୍ର ଲେଖିଥିଲି । ତାହା ଏହିପରି ଯେ, "ଆଫ୍ରିକାର ଜମାଅତ୍‌ମାନଙ୍କରେ ବୁର୍କିନାଫାସୋର ଅ୍‌ହେମଦିଙ୍କ ମଧ୍ୟରେ ମୁଁ ଯେଉଁ ବିଶେଷ କଥା ଅବଲୋକନ କରିଛି ତାହା ଏହିପରି ଯେ, ସାକ୍ଷାତ୍ ସମୟରେ ପ୍ରତ୍ୟେକ ବ୍ୟକ୍ତିଙ୍କର ଏହି ପ୍ରୟାସ ରହୁଥିଲା ଯେ, ସେମାନେ ମୋତେ ଆଲିଙ୍ଗନ କରିବେ ଏବଂ ପୁନଶ୍ଚ ସେହି ଲୋକମାନଙ୍କର ଯେଉଁ ପ୍ରେମ ତଥା ଆନ୍ତରୀକତା ଥିଲା ତାହା ମଧ୍ୟ ଅବଲୋକନୀୟ ଥିଲା । ପ୍ରିଂସିପାଲ୍ ସାହେବ ଉଲ୍ଲେଖ କରନ୍ତି ଯେ, ଯାହା ଆପଣ ଉଲ୍ଲେଖ କରିଥିଲେ ଯେ, ଆଜି ମେହଦୀଆବାଦ୍‌ର ନୈଷ୍ଠିକ ବ୍ୟକ୍ତିମାନେ ଅସାଧାରଣ ବଳିଦାନ ଦେଇ ବାସ୍ତବରେ ମହାନ ଲୋକ ହେବାର ଗୌରବ ଅର୍ଜନ କରି ଏହା ଉପରେ ମୋହର ମାରିଛନ୍ତି ।"

**ଦ୍ୱିତୀୟ ଶାହାଦତ୍:** ଦ୍ୱିତୀୟ ଶହୀଦ୍ ହେଉଛନ୍ତି ହସନ ଅଲ୍ ହସନ୍ ଆଗ୍ ମାଲିଏଲ୍ ସାହେବ (Alhassane Ag Maliel) । ଶାହାଦତ୍ ସମୟରେ ହସନ ସାହେବଙ୍କୁ 71 ବର୍ଷ ବୟସ ହୋଇଥିଲା । ସ୍ୱର୍ଗତ ଅଲ୍ ହସନ୍ ସାହେବ ୧୯୯୯ ମସିହାରେ ବୈଅତ୍ କରିଥିଲେ । ନିଜ ଗ୍ରାମର ପ୍ରାରମ୍ଭିକ ଅହେମଦିମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ। ସ୍ୱର୍ଗତ ଇବ୍ରାହିମ୍ ସାହେବଙ୍କ ସହିତ ମିଶି ଡୋରି ମିଶନ୍‌ରେ ଗମନ କରିଥିବା ଅନୁସନ୍ଧାନକାରୀ ପ୍ରତିନିଧିମଣ୍ଡଳଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ । ସେହି ସମୟରୁ ହିଁ ଆପଣ ବୈଅତ୍ କଲେ, ନିଷ୍ଠା ଓ ବିଶ୍ୱସ୍ତତାରେ ଉନ୍ନତି କରି ଚାଲିଲେ । ଖିଲାଫତ୍ ସହିତ ତାଙ୍କର ନିଷ୍ଠାପୂର୍ଣ୍ଣ ସଂପର୍କ ରହିଥିଲା । ନିୟମିତ ରୂପେ ନମାଜ ବାଜମାଅତ୍ ପାଠ କରୁଥିଲେ, ତେହଜ୍ଜୁଦ୍ ନମାଜ ପାଠ କରୁଥିଲେ, ଚାନ୍ଦା ମଧ୍ୟ ନିୟମିତ ରୂପେ ପୈଠ କରୁଥିଲେ ଓ ନିଜ ପଛରେ ନିଜ ପରିବାର ପାଇଁ ଏକ ପୁଣ୍ୟ ତଥା ଉତ୍ତମ ଆଦର୍ଶ ସ୍ଥାପନ କରିଯାଇଛନ୍ତି । ସାମଗ୍ରିକ ରୂପେ ଆପଣ ଜମାଅତ୍ ସକାଶେ ନିଜର ଧନ, ଜୀବନ ଓ ସମୟର ଯେଉଁ ଅପୂର୍ବ ବଳିଦାନ ଦେଇଛନ୍ତି ତାହା ଅସାଧାରଣ ଓ ଅନନ୍ୟ। ଆପଣ ବୁର୍କିନାଫାସୋର ଚାରି ପାଞ୍ଚୋଟି ସ୍ଥାନୀୟ ଭାଷା କହୁଥିବା ଏକତାମାତ୍ର ବ୍ୟକ୍ତି ଥିଲେ । ଆପଣଙ୍କ ପହଞ୍ଚ ସମଗ୍ର ଦେଶର ଜମାଅତ୍‌ମାନଙ୍କରେ ରହିଥିଲା । ଜଲ୍‌ସା ସାଲାନା ଅବସରରେ ଅନ୍ୟ ଅଞ୍ଚଳରୁ ଆସୁଥିବା ଲୋକମାନଙ୍କ ସହିତ ସେମାନଙ୍କ ଭାଷା ଜାଣିଥିବା ହେତୁ ସେମାନଙ୍କ ସହିତ ମିଶି ଯାଉଥିଲେ । ଲୋକମାନେ ଆପଣଙ୍କୁ ବହୁତ ଭଲ ପାଉଥିଲେ ଓ ତାଙ୍କ ଗହଣରେ ବସି ଆନନ୍ଦିତ ହେଉଥିଲେ । ଯେତେବେଳେ ବି ଜମାଅତ୍ ପକ୍ଷରୁ କୌଣସି ତେହରିକ୍ (ଆହ୍ୱାନ) ହେଉଥିଲା ସେତେବେଳେ ତହିଁରେ ପ୍ରତିସ୍ୱର୍ଦ୍ଧିତ ହୋଇ ଅଂଶ ଗ୍ରହଣ କରୁଥିଲେ । ବିଗତ ବର୍ଷ ଜମାଅତ୍ ପକ୍ଷରୁ ୱକ୍‌ଫେ ଆର୍‌ଜି କରିବା ନିମନ୍ତେ ତେହ୍‌ରିକ୍ (ଆହ୍ୱାନ) ହୋଇଥିଲା । ତେବେ ମେହଦୀଆବାଦ୍ ଜମାଅତ୍‌ରୁ ସର୍ବ ପ୍ରଥମ ଆପଣ ନାମ ଲେଖାଇଥିଲେ । ମେହଦୀଆବାଦ ଘଟଣାରେ ଆପଣଙ୍କ ଯୁଗ୍ମଜ (ଜାଆଁଳା) ଭାଇ ସମ୍ମାନନୀୟ ସ୍ୱର୍ଗତ ହୁସୈନ ଆଗ୍ ମାଲି ଆଏଲ୍ ସାହେବଙ୍କର ମଧ୍ୟ ଶାହାଦତ୍ ହୋଇଥିଲା ।

**ତୃତୀୟ ଶାହାଦତ୍**: ହୁଜୁର୍ ଅନ୍‌ୱର୍ ଅ.ବ କହିଲେ: ଯେପରିକି ମୁଁ କହିଲି କି ହୁସୈନ୍ ଆଗ୍ ମାଲି ଆଏଲ୍ ସାହେବ ସେ ମଧ୍ୟ ଅଲ୍ ହସନ୍ ସାହେବଙ୍କ ଜାଆଁଳା ଭାଇ ଅଟନ୍ତି। ତାଙ୍କୁ ମଧ୍ୟ 71 ବର୍ଷ ବୟସ ହୋଇଥିଲା । ସେ ମଧ୍ୟ 1999 ମସିହାରେ ବୈଅତ୍ କରିବାକୁ ସାମର୍ଥ୍ୟ ଲାଭ କରିଥିଲେ । ନିଜ ଗ୍ରାମର ପ୍ରାରମ୍ଭିକ ଅହେମଦିମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ଇବ୍ରାହିମ୍ ସାହେବଙ୍କ ସହିତ ମିଶି ଡୋରି ମିଶନ୍‌ରେ ଗମନ କରିଥିବା ଅନୁସନ୍ଧାନକାରୀ ପ୍ରତିନିଧିମଣ୍ଡଳଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ । ସେ ମୃତ୍ୟୁ ସମୟରେ ମେହଦୀଆବାଦ୍‌ରେ ଜଇମ୍ ଅନ୍‌ସାରୁଲ୍ଲାଃ ଭାବରେ ସେବା ସମ୍ପାଦନ କରିବାକୁ ସାମର୍ଥ୍ୟ ଲାଭ କରିଥିଲେ । ଅନ୍‌ସାର ଭାଇମାନଙ୍କୁ ଅତ୍ୟନ୍ତ ଉତ୍ତମ ଢଙ୍ଗରେ ମାର୍ଗଦର୍ଶନ କରିବାକୁ ସାମର୍ଥ୍ୟ ରଖୁଥିଲେ । ସେ ଲୋକମାନଙ୍କୁ ଜମାଅତ୍‌ର କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ ଉତ୍ସାହମୂଳକ କାର୍ଯ୍ୟକ୍ରମରେ କ୍ରିୟାଶୀଳ ହୋଇ ଅଂଶ ଗ୍ରହଣ କରୁଥିଲେ ଓ ସଂସ୍କାରର ଅନେକ କାର୍ଯ୍ୟକ୍ରମମାନ ଆୟୋଜନ କରାଉଥିଲେ। ମସ୍‌ଜିଦ୍‌ର ସ୍ୱଚ୍ଛତା ଓ ଅନ୍ୟାନ୍ୟ ସ୍ଥାନରେ ୱକାରେ ଅମଲ୍ (ସ୍ୱଚ୍ଛତା ଅଭିଯାନ ଅନ୍ତର୍ଗତ କାର୍ଯ୍ୟକ୍ରମ) କରାଉଥିଲେ । ଚାନ୍ଦା ଜାତ୍‌ରେ ନିୟମିତ ଓ ପାଞ୍ଚବେଳା ନମାଜ ମସ୍‌ଜିଦ୍‌ରେ ସମ୍ପାଦନ କରିବା ସକାଶେ ନିୟମାନୁବର୍ତ୍ତୀ ହେବା ନିମନ୍ତେ ଅନୁପ୍ରାଣିତ କରିଥିଲେ । ସେ ନିୟମିତ ନମାଜ ତେହଜ୍ଜୁଦ ପାଠ କରୁଥିଲେ । ଯେପରିକି ମୁଁ ପୂର୍ବେ ଚର୍ଚ୍ଚା କଲି ଯେ, ମେହଦୀଆବାଦ୍ ଘଟଣାରେ ଆପଣଙ୍କ ଯୁଗ୍ମଜ (ଜାଆଁଳା) ଭାଇ ସମ୍ମାନନୀୟ ସ୍ୱର୍ଗତ ହୁସୈନ ଆଗ୍ ମାଲି ଆଏଲ୍ ସାହେବଙ୍କ ସହିତ ଅଲ୍ ହସନ୍ ଆଗ୍‌ମାନିଏଲ୍ ସାହେବ ମଧ୍ୟ ଉକ୍ତ ଘଟଣାରେ ବୀରଗତି ପ୍ରାପ୍ତ କରିଥିଲେ । ଉଭୟ ଜାଆଁଳା ଭାଇ ଏକ ସମୟରେ ଜନ୍ମ ଗ୍ରହଣ କଲେ ଏବଂ ଏକ ସମୟରେ ହିଁ ଇହ ଜଗତରୁ ବିଦାୟ ନେଇଗଲେ ।

**ଚତୁର୍ଥ** ଶାହାଦତ୍: ଚତୁର୍ଥ ଶହୀଦ୍ ହେଉଛନ୍ତି ହମିଦ୍ ୱାଆଗ୍ ଅବ୍ଦୁର ରହେମାନ ସାହେବ । ମୃତ୍ୟୁ ବେଳକୁ ସ୍ୱର୍ଗତଙ୍କୁ 67 ବର୍ଷ ବୟସ ହୋଇଥିଲା । ସ୍ୱର୍ଗତ ହମିଦ୍ ସାହେବ ବୃତ୍ତିରେ ଜଣେ ଚାଷୀ ଥିଲେ ଏବଂ ୧୯୯୯ ମସିହାରେ ବୈଅତ୍ କରିଥିଲେ । ନିର୍ମଳ ହୃଦୟ ଓ କୋମଳ ସ୍ୱଭାବର ବ୍ୟକ୍ତି ଥିଲେ । ଜମାଅତ୍‌ର କାର୍ଯ୍ୟରେ ଆଗ ଧାଡ଼ିର ସେବକ ରୂପେ ଗଣ୍ୟ ହେଉଥିଲେ । ଯଦି କୌଣସି କାର୍ଯ୍ୟକ୍ରମରେ ସେ ଅନୁପସ୍ଥିତ ରହୁଥିଲେ ତେବେ ଏହା ବୁଝା ଯାଉଥିଲା ଯେ, ସ୍ୱର୍ଗତ ହମିଦ୍ ସାହେବ

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ନିଶ୍ଚିତ ରୂପେ କୌଣସି ବାଧ ବାଧକତା ଯୋଗୁଁ ଅବା ଅସୁସ୍ଥତା ଯୋଗୁଁ ଅନୁପସ୍ଥିତ ହୋଇଛନ୍ତି । ଅନ୍ୟଥା ସେ କେବେ ଅନୁପସ୍ଥିତ ହେଉ ନଥିଲେ । ଇମାମ୍ ସାହେବଙ୍କର ସହାୟକ ବନ୍ଧୁମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ସେ ନିଜ ପରିବାରକୁ ମଧ ଜମାଅତ୍‌ର ବ୍ୟବସ୍ଥା ସହିତ ସଂଶ୍ଲୀଷ୍ଟ ରହିବା ନିମନ୍ତେ ଓ ଜମାଅତୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ବହୁଳ ଭାବରେ ଅନୁପ୍ରାଣିତ କରୁଥିଲେ । ଖିଲାଫତେ ଅହେମଦିୟା ସହିତ ତାଙ୍କର ବିଶ୍ୱସ୍ତତାମୂଳକ ସଂପର୍କ ଥିଲା । ସେ ଅଧିକାଂଶ ସମୟ ମସ୍‌ଜିଦ୍‌ରେ ଅତିବାହିତ କରୁଥିଲେ । ଏମ.ଟି.ଏରେ କାର୍ଯ୍ୟକ୍ରମ ଦେଖୁଥିଲେ । ବିଶେଷ କରି ଖୁତ୍‌ବା ନିୟମିତ ଭାବରେ ଓ ଧ୍ୟାନର ସହିତ ଶୁଣୁଥିଲେ ।

**ପଞ୍ଚମ ଶାହାଦତ୍**: ପଞ୍ଚମ ଶହୀଦ୍ ହେଉଛନ୍ତି ସୋଲେହ୍ (Souley) ଆଗ୍ ଇବ୍ରାହିମ୍ ସାହେବ । ଶାହାଦତ୍ ସମୟରେ ସୋଲେହ୍ ସାହେବଙ୍କୁ 67 ବର୍ଷ ବୟସ ହୋଇଥିଲା । ସ୍ୱର୍ଗତ ଇବ୍ରାହିମ୍ ସାହେବ ବୃତ୍ତିରେ ଜଣେ ଚାଷୀ ଥିଲେ । ସ୍ୱର୍ଗତ ନିୟମିତ ନମାଜ ପାଠକାରୀ ବ୍ୟକ୍ତି ଥିଲେ ଏବଂ ନିୟମିତ ଚାନ୍ଦା ପୈଠ କରୁଥିଲେ। ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃର ଜଣେ ସକ୍ରିୟ ସଦସ୍ୟ ଥିଲେ ତଥା ଜମାଅତ୍‌ର ଜଣେ ନିଷ୍ଠାପର ବ୍ୟକ୍ତି ଥିଲେ । ସେ ସ୍ୱର୍ଗତ ଇମାମ୍ ସାହେବଙ୍କର ଦକ୍ଷିଣ ହସ୍ତ ଓ ସହାୟକ ଥିଲେ । ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତ ସୋଲେହ୍ ସାହେବ ଜଣେ ବିଦ୍ୱାନ୍ ବ୍ୟକ୍ତି ଥିଲେ, ସର୍ବଦା ଧାର୍ମିକ ଜ୍ଞାନ ଚର୍ଚ୍ଚା କରୁଥିଲେ । ସ୍ୱର୍ଗତ ଅତ୍ୟନ୍ତ ଶିଷ୍ଟ ଓ ସଭ୍ୟ ସ୍ୱଭାବର ଅଧିକାରୀ ଥିଲେ । ପ୍ରତ୍ୟେକ ବଡ଼ ସାନଙ୍କ ପ୍ରତି ସଦ୍‌ବ୍ୟବାହର ପ୍ରଦର୍ଶନ କରିବା ତାଙ୍କର ବିଶିଷ୍ଟ ଗୁଣ ଥିଲା । ଜଲ୍‌ସା ସାଲାନା କିମ୍ବା ଅନ୍ୟ କୌଣସି ସାମୂହିକ କାର୍ଯ୍ୟକ୍ରମରେ ଯେତେବେଳେ ଯାଉଥିଲେ ସେତେବେଳେ ସେ ଏହା ଅବଲୋକନ କରୁଥିଲେ ଯେ, ଯଦି କୌଣସି ବ୍ୟକ୍ତି ପାଖରେ ଭଡ଼ା ନିମନ୍ତେ ପଇସା ନାହିଁ କିମ୍ବା କମ୍ ପଇସା ରହଛି ତେବେ ସେପରିପ୍ରକ୍ଷୀରେ ସେ ନିଜ ତରଫରୁ ଉକ୍ତ ବ୍ୟକ୍ତିକୁ ସାହାଯ୍ୟ କରି ଦେଉଥିଲେ। କାରଣ ଉକ୍ତ ବ୍ୟକ୍ତି ମଧ ଜଲ୍‌ସା ଓ ଇଜ୍‌ତିମାରେ ସାମିଲ୍ ହୋଇଯାଉ । ସେହି ଦିନମାନଙ୍କରେ ସେହି ଡୋରି ଅଞ୍ଚଳରୁ ବାହାରି ଯାତ୍ରା କରିବା ଅତ୍ୟନ୍ତ ସାହାସ ଓ କାଠିକର ପାଠ କାର୍ଯ୍ୟ ରୂପେ ବିବେଚିତ ହେଉଥିଲା । କାରଣ ପ୍ରତ୍ୟେକ ଦିଗରେ ଆତଙ୍କବାଦୀ ଗୋଷ୍ଠୀ ନିଜର ଆତଙ୍କ ଖେଳାଇଥିଲେ । କିନ୍ତୁ ଏହାସତ୍ତ୍ୱେ ସମସ୍ତ ବିପଦକୁ ଦୃଷ୍ଟିରେ ରଖି ସେ ମେହିଦୀଆବାଦ୍‌ରୁ ଡିସେମ୍ବର ମାସର ଶେଷ ସପ୍ତାହରେ ବୁର୍କିନାଫାସୋରେ ହେବାକୁ ଥିବା ଜଲସା ସାଲାନାରେ ସାମିଲ୍ ହୋଇଥିଲେ ।

**ଷଷ୍ଠ ଶାହାଦତ୍**: ଷଷ୍ଠ ଶହୀଦ୍ ହେଉଛନ୍ତି ଉସ୍‌ମାନ୍ ଆଗ୍ ସୁଦେ (Soudeye) ସାହେବ । ମୃତ୍ୟୁ ବେଳକୁ ଉସମାନ୍ ସାହେବଙ୍କୁ 59 ବର୍ଷ ବୟସ ହୋଇଥିଲା । ସ୍ୱର୍ଗତ ଉସମାନ୍ ସାହେବ ଜଣେ ନିଷ୍ଠାପର ଓ ବଳିଦାନକାରୀ ଅହେମଦି ଥିଲେ । ଜମାଅତ୍ ପାଇଁ ନିଜର ଧନ ଓ ସମୟକୁ ବଳିଦାନ କରୁଥିବା ବ୍ୟକ୍ତି ଥିଲେ । ପରିଶେଷରେ ଅଲ୍ଲାଃତାଲା ତାଙ୍କର ପ୍ରାଣାବଳୀକୁ ସ୍ୱୀକାର କରି ତାଙ୍କୁ ଶହୀଦ୍ ହେବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରିଦେଲେ । ସ୍ୱର୍ଗତ ଉସ୍‌ମାନ୍ ସାହେବ ମସ୍‌ଜିଦ୍‌ର ନିର୍ମାଣ କାର୍ଯ୍ୟ ସମୟରେ ଜଳ ନେଇ ଆସୁଥିଲେ ଓ ନିର୍ମାଣ କାର୍ଯ୍ୟରେ ଅହରହ ଭାବରେ ସହଯୋଗ ମଧ କରୁଥିଲେ। ସ୍ୱର୍ଗତ ଉସ୍‌ମାନ୍ ସାହେବ ମେହଦୀଆବାଦ୍ ମସ୍‌ଜିଦର ନିର୍ମାଣ କାର୍ଯ୍ୟରେ ପ୍ରତିସ୍ୱର୍ଦ୍ଧିତ ଭାବରେ ଅଂଶ ଗ୍ରହଣ କରିଥିଲେ । ସ୍ୱର୍ଗତ ଉସ୍‌ମାନ୍ ସାହେବ ନିୟମିତ୍ ପାଞ୍ଚବେଳା ନମାଜ ପାଠକାରୀ ଏବଂ ନିୟମିତ ନମାଜ ତେହଜ୍ଜୁଦ୍ ନମାଜ ପାଠକାରୀ ବ୍ୟକ୍ତି ଥିଲେ । ନିୟମିତ ଭାବରେ ଚାନ୍ଦା ପାଠ କରୁଥିଲେ । ସେ ଯାହାକିଛି ରୋଜଗାର କରୁଥିଲେ ତହିଁରୁ ସର୍ବପ୍ରଥମେ ଏକ ଅଂଶ ସେ ଚାନ୍ଦାରେ ପୈଠ କରୁଥିଲେ । ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, କ'ଣ ଏହିଭଳି ଚିନ୍ତାଧାରା ରଖୁଥିବା ଲୋକ ଟଙ୍କା ପଇସା ଲୋଭରେ ବୈଅତ୍ କରନ୍ତି କି ? ଯେପରିକି ବିରୋଧୀମାନେ ଅହେମଦିଙ୍କ ବିରୁଦ୍ଧରେ କଟାକ୍ଷ କରି କହି ଥାଆନ୍ତି । ସ୍ୱର୍ଗତ ଉସ୍‌ମାନ୍ ସାହେବ ବୃତ୍ତିରେ ଜଣେ ବ୍ୟବସାୟୀ ଥିଲେ । ସ୍ୱର୍ଗତ ଉସ୍‌ମାନ୍ ସାହେବ ଜୋତାର ବ୍ୟବସାୟ କରୁଥିଲେ । କୌଣସି ବ୍ୟକ୍ତି ପାଖରେ ଜୋତା କିଣିବା ପାଇଁ ଯଦି ପଇସା ହେଉ ନଥିଲା ଅବା ଜୋତା କିଣିବାକୁ ସାମର୍ଥ୍ୟ ହେଉ ନଥିଲା ତେବେ ସ୍ୱର୍ଗତ ଉସମାନ୍ ସାହେବ ଉକ୍ତ ବ୍ୟକ୍ତିକୁ ଶୂନ୍ୟ ହସ୍ତ ଫେରିବାକୁ ଦେଉ ନଥିଲେ । କାହାରିକୁ ଖାଲି ପାଦରେ ଫେରିଯିବାକୁ ଦେଉ ନଥିଲେ। ଟଙ୍କା ଯଦି ନାହିଁ ଅବା କମ୍ ଅଛି ତାହାହେଲେ କିଛି କଥା ନାହିଁ ପରେ ଦେଇ ଦେବନି। ନିଅନ୍ତୁ ଜୋତା ନିଅନ୍ତୁ ।

**ସପ୍ତମ ଶହୀଦ୍**: ସପ୍ତମ ଶହୀଦ୍ ହେଉଛନ୍ତି ଆଗ୍ ଅଲୀ ଆଗ୍ ମାଗୋଏଲ୍ (Maguel) ସାହେବ । ସ୍ୱର୍ଗତ ଆଗ ଅଲୀ ମାଗୋଏଲ୍ ସାହେବ 1970 ମସିହାରେ ଜନ୍ମ ଗ୍ରହଣ କରିଥିଲେ । ସେ ନିଜ ପିତାଙ୍କ ସହିତ ୧୯୯୯ ମସିହାରେ ଅହେମଦିୟତ୍ ଗ୍ରହଣ କରିଥିଲେ । ସ୍ୱର୍ଗତ ବୃତ୍ତିରେ ଜଣେ ଚାଷୀ ଥିଲେ । ସେ ଜମାଅତ୍ ଅହେମଦିୟା ବେଲାରେ (Belare)ର ମୁଅଜ୍ଜିନ୍ (ଅଜାନ୍ ଦେଉଥିବା ବ୍ୟକ୍ତି) ଥିଲେ । କିଛି କାଳ ପୂର୍ବେ ଆତଙ୍କବାଦୀଙ୍କ କାର୍ଯ୍ୟକଳାପ ଯୋଗୁଁ ତାଙ୍କୁ ନିଜ ଗ୍ରାମରୁ ଅନ୍ୟତ୍ର ସ୍ଥାନାନ୍ତର ହେବାକୁ ପଡ଼ିଥିଲା । ଏହାପରେ ସେ ମେହଦୀଆବାଦ୍ ଠାରେ ବସତି ସ୍ଥାପନ କରି ନେଇଥିଲେ । ସ୍ୱର୍ଗତ ମାଗୋଏଲ୍ ସାହେବ ଜଣେ ନୈଷ୍ଠିକ ଅହେମଦି ଥିଲେ ଏବଂ ନମାଜ ଓ ଚାନ୍ଦାରେ ପ୍ରତିସ୍ୱର୍ଦ୍ଧିତ ତଥା ନିୟମିତ ଭାବରେ ଅଂଶ ଗ୍ରହଣ କରୁଥିଲେ । ଜମାଅତ୍‌ର ସମସ୍ତ ଉତ୍ସାହମୂଳକ କାର୍ଯ୍ୟକ୍ରମରେ ପ୍ରତିସ୍ୱର୍ଦ୍ଧିତ ଭାବରେ ଅଂଶ ଗ୍ରହଣ କରୁଥିଲେ ।

**ଅଷ୍ଟମ ଶହୀଦ୍** : ଅଷ୍ଟମ ଶହୀଦ୍ ହେଉଛନ୍ତି ମୁସା ଆଗ୍ ଇଦ୍‌ରାହୀ (Idrahi) ସାହେବ । ଶାହାଦତ୍ ସମୟରେ ସ୍ୱର୍ଗତ ମୁସା ସାହେବଙ୍କୁ 53 ବର୍ଷ ବୟସ ହୋଇଥିଲା। ସେ ମଧ ବିଲବାଡ଼ି ବା ଚାଷବାସର କାମ କରୁଥିଲେ ଓ ଜମାଅତ୍‌ର କାର୍ଯ୍ୟରେ ସର୍ବଦା ନିମଜ୍ଜିତ ରହୁଥିଲେ । ଅହେମଦି ହେବା ପୂର୍ବରୁ ସେ ୱାହାବୀ ସଂପ୍ରଦାୟର ଜଣେ ସକ୍ରିୟ ସଦସ୍ୟ ଥିଲେ । ସେ ତେହଜ୍ଜୁଦ୍ ଓ ଅନ୍ୟାନ୍ୟ ନମାଜରେ ନିୟମିତ ରୂପେ ପାଠ କରୁଥିଲେ । ମଗ୍‌ରିବ୍ ନମାଜ୍‌ରେ ମସ୍‌ଜିଦ୍‌କୁ ଆସୁଥିଲେ ତେବେ ଇଶା ନମାଜ ପାଠ କରି ସାରିବା ପରେ ଘରକୁ ଫେରୁଥିଲେ । ମଗରିବ୍ ଓ ଇଶାର ସମୟ ମସ୍‌ଜିଦ୍‌ରେ ଅତିବାହିତ କରୁଥିଲେ ଏବଂ ଈଶ୍ୱର ଚର୍ଚ୍ଚାରେ ସର୍ବଦା ନିମଜ୍ଜିତ ରହୁଥିଲେ । ସ୍ୱର୍ଗତ ମୁସା ସାହେବଙ୍କ ସଂପର୍କରେ ପ୍ରତ୍ୟେକ ବ୍ୟକ୍ତି ଏହା ସାକ୍ଷ୍ୟ ପ୍ରଦାନ କରନ୍ତି ଯେ, ମୁସା ସାହେବ ଜଣେ ବିଶ୍ୱାସକାରୀ, ନୈଷ୍ଠିକ ଏବଂ ଜଣେ ନୈଷ୍ଠିକ ପାଗଳ ପ୍ରେମୀ ଅହେମଦି ଓ ଜଣେ ଆଦର୍ଶବାନ୍ ବ୍ୟକ୍ତି ଥିଲେ । ସେ ନିୟମିତ ରୂପେ ମୋତେ ଦୁଆ ପାଇଁ ପତ୍ର ଲେଖୁଥିଲେ ଏବଂ କହୁଥିଲେ ଯେ, ମୁଁ ଉପସ୍ଥିତ ଖଲିଫାଙ୍କ ସକାଶେ ମଧ ନିୟମିତ ଦୁଆ କରିବି ।

**ନବମ ଶାହାଦତ୍**: ନବମ ଶହୀଦ୍ ହେଉଛନ୍ତି ଆଗ ଉମର୍ ଆଗ୍ ଅବ୍‌ଦୁର୍ ରହେମାନ ସାହେବ : ସ୍ୱର୍ଗତ ଆଗ୍ ଉମର ଆଗ୍ ଅବ୍‌ଦୁର୍ ରହେମାନ୍ ସାହେବ ସମସ୍ତ ଶୋହଦାମାନଙ୍କ ମଧ୍ୟରେ ସର୍ବକନିଷ୍ଠ ଶହୀଦ୍ ଥିଲେ । ୧୯୯୯ ମସିହାରେ ୨୦ ବର୍ଷ ବୟସରେ ସ୍ୱର୍ଗତ ଅହେମଦିୟତ୍ ସ୍ୱୀକାର କରିଥିଲେ ଏବଂ ଏତଦ୍ ପରେ ଜମାଅତ୍ ସହିତ ନିଷ୍ଠା ଏବଂ ବିଶ୍ୱସ୍ତତାରେ ତାଙ୍କର ଅଭିବୃଦ୍ଧି ଘଟିଥିଲା । ସ୍ୱର୍ଗତ ଜମାଅତ୍ ଅହେମଦିୟା ମେହଦୀୟାବାଦର ଅତ୍ୟନ୍ତ ନିଷ୍ଠାପର ଏବଂ ଉତ୍ସର୍ଗୀକୃତ ଅହେମଦି ଥିଲେ। ସେ ସ୍ୱର୍ଗତ ଇମାମ୍ ଇବ୍ରାହିମ୍ ସାହେବଙ୍କ ଦକ୍ଷିଣ ହସ୍ତ ଥିଲେ । ସେ ମେହଦୀଆବାଦ୍‌ର ନାଏବ୍ ଇମାମୁସ୍ ସଲାତ୍ ମଧ ଥିଲେ । ଯେତେବେଳେ ଆତଙ୍କବାଦୀମାନେ ମସ୍‌ଜିଦ୍ ମଧ୍ୟରେ ପ୍ରବେଶ କଲେ ସେତେବେଳେ ଆତଙ୍କବାଦୀମାନେ ଇମାମ୍ ଇବ୍ରାହିମ୍ ସାହେବଙ୍କୁ ପଚାରିବା ପରେ ପୁନଃ ପ୍ରଶ୍ନ କଲେ ଯେ, ନାଏବ୍ ଇମାମ୍ କିଏ ? ତେବେ ପ୍ରତ୍ୟୁତ୍ତରରେ ସେ ଦ୍ୱିଧାଗ୍ରସ୍ତ ନିଃଶଙ୍କୋଚ ହୋଇ କହିଲେ ଯେ, ଆଜ୍ଞା ମୁଁ ନାଏବ୍ ଇମାମ୍ ଅଟେ । ସୁତରାଂ ଅବ୍‌ଦୁର୍ ରହେମା ମସ୍‌ଜିଦ୍‌କୁ ଆସୁଥିବା ଲୋକମାନଙ୍କ ମଧ୍ୟରେ ପ୍ରାଥମିକ ବ୍ୟକ୍ତିଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ସେ ଅତ୍ୟନ୍ତ ବିନମ୍ରତା ଓ ବିନୀତତାର ସହିତ ନମାଜ ସମ୍ପାଦନ କରୁଥିଲେ । ସେ ନମାଜ ତେହଜ୍ଜୁଦ୍ ନିୟମିତ ପାଠ କରୁଥିଲେ । ମସ୍‌ଜିଦ୍‌ରେ ନିଜର ସନ୍ତାନମାନଙ୍କୁ ସାଙ୍ଗରେ ଆଣୁଥିଲେ ଏବଂ ତାଙ୍କର ସଂସ୍କାରର ବହୁତ ଯତ୍ନ ନେଉଥିଲେ । ହୁଜୁର୍ ଅନଓ୍ୱର୍ ଅ.ବ କହିଲେ, ସେ ମୋ ନିକଟକୁ ନିୟମିତ ପତ୍ର ଲେଖୁଥିଲେ । ସେ ସାଇକେଲ ଚଳାଇବାରେ ବହୁତ ଅଭିଜ୍ଞ ତଥା ପାରଙ୍ଗମ ଥିଲେ ଓ ସମଗ୍ର ଅଞ୍ଚଳରେ ସେ ଏକମାତ୍ର ବ୍ୟକ୍ତି ଅଟନ୍ତି ଯିଏ ଦୀର୍ଘ କି.ମି ଯାତ୍ରା କରୁଥିଲେ । ସେ ଚାରି ଥର ଡୋରିରୁ 265 କି.ମି ଦୂରତା ଅତିକ୍ରମ କରି ୱାଗା ଡୋଗୋର ଖୁଦ୍ଦାମୁଲ୍ ଅହେମଦିୟାର ଇଜ୍‌ତିମାରେ ସାମିଲ୍ ହୋଇଥିଲେ। 2008 ମସିହାରେ ଖିଲାଫତ୍ ଜୁବଲୀର ଜଲ୍‌ସାରେ ବୁର୍କିନାଫାସୋରୁ ଘାନା ପର୍ଯ୍ୟନ୍ତ ସାଇକେଲ୍ ମାଧ୍ୟମରେ ସାଇକେଲ୍ ଆରୋହୀଙ୍କ ଦଳରେ ସାମିଲ୍ ଥିଲେ । ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ପ୍ରତ୍ୟେକ ଶହୀଦ୍‌ଙ୍କ ନାମ ଆଗରେ ଯେଉଁ **'ଆଗ୍'** ଶବ୍ଦଟି ବ୍ୟବହୃତ ହୋଇଛି ଯାହାର ଅର୍ଥ ହେଲା **'ଇବ୍‌ନ୍'** ଅର୍ଥାତ ଅମକ ବ୍ୟକ୍ତିର ସୁପୁତ୍ର ।

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିକ୍ଷତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family, Jamat Ahmadiya Kardapalli (Odisha)

### ନବୀ ସ.ଅଙ୍କ ବାଣୀ

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅୱଲହୁ** ପଢିନେଉ।"

**(ତିର୍ମିଜି କିତାବୁଲ୍ ଅତଅମା )**

ତାଲିବେ ଦୁଆ: Sarwar Khan & Family, Jamat Ahmadiya Kerang, Darul Fazal (Odisha)

ସେ ଯାହା ହେଉ ନା କାହିଁକି ସ୍ୱର୍ଗତ ଶହୀଦ୍ ଅବ୍ଦୁର ରହେମାନ ସାହେବଙ୍କ ସଂପର୍କରେ ଅତିରିକ୍ତ ଉଲ୍ଲେଖ କରି ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେତେବେଳେ ଆତଙ୍କବାଦୀମାନେ ୮ ଜଣଙ୍କୁ ଶହୀଦ୍ କରି ସାରିଥିଲେ ସେତେବେଳେ ସର୍ବଶେଷରେ ଆଗ ଉମର୍ ଆଗ୍ ଅବ୍ଦୁର୍ ରହେମାନ ସାହେବ ରହିଯାଇଥିଲେ । ସେ ନିଜର ବୟସାନୁଯାୟୀ ସର୍ବ କନିଷ୍ଠ ଥିଲେ । ଆତଙ୍କବାଦୀମାନେ ତାଙ୍କୁ ପଚାରିଲେ ଯେ, ତୁମେ ଯୁବ ବ୍ୟକ୍ତି ଅଟ । ତୁମେ ଅହେମଦିୟତ୍‌କୁ ପ୍ରତ୍ୟାଖ୍ୟାନ କରି ନିଜ ଜୀବନକୁ ବଞ୍ଚାଇ ପାରିବ । ପ୍ରତ୍ୟୁତ୍ତରରେ ଏହି ବୀର କନିଷ୍ଠ ଶହୀଦ୍ ସେମାନଙ୍କୁ ଉତ୍ତର ଦେଲେ, ଯେଉଁ ମାର୍ଗରେ ପରିଚାଳିତ ହୋଇ ମୋର ବରିଷ୍ଠ ମୁରବୀମାନେ ଆତ୍ମ ବଳିଦାନ ଦେଇଛନ୍ତି ମୁଁ ମଧ୍ୟ ନିଜର ସେହି ଇମାମ୍ ତଥା ମୁରବିମାନଙ୍କ ପଦାଙ୍କ ଅନୁସରଣ କରି ସେହି ମାର୍ଗରେ ନିଜର ଆତ୍ମବଳିଦାନ ଦେବା ପାଇଁ ପ୍ରସ୍ତୁତ ଅଛି । ଆତଙ୍କବାଦୀମାନେ ସ୍ୱର୍ଗତଙ୍କୁ ଅତ୍ୟନ୍ତ ବୀଭତ୍ସ ଭାବରେ ତାଙ୍କ ମୁଖ ମଣ୍ଡଳକୁ ଗୁଳି କରି ତାଙ୍କୁ ଶହୀଦ୍ କରିଦେଲେ ।

ବୁର୍କିନାଫାସୋରେ ସମୂହିକ ପରିସ୍ଥିତି ଅତ୍ୟନ୍ତ ସଂକଟାପନ୍ନ ରହିଛି । ଆତଙ୍କବାଦୀମାନେ ସବୁ ଅଞ୍ଚଳରେ ଘୂରି ବୁଲୁଛନ୍ତି । କିଛି ଦିନ ପୂର୍ବେ କାଏଦ୍ ସାହେବ ମଜ୍‌ଲିସ୍ ଦିନିୟା (Denea) କେନ୍ଦ୍ରରେ, ସେଣ୍ଟରରେ ମିଶନ୍ ହାଉସ୍‌କୁ ଆସିଥିଲେ ଏବଂ କାଏଦ୍ ସାହେବ କହିଲେ, ମୋର ଅଟା ଚାଉଳାଦି ସଉଦା ଦୋକାନ ଥିଲା ଦିନେ  ଅତାଙ୍କବାଦୀଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ମୋ ଦୋକାନକୁ ଆସିଲା । ଏହି ଅଞ୍ଚଳଟି ସଂପୂର୍ଣ୍ଣ ରୂପେ ଅନ୍ୟ ଏକ ଅଞ୍ଚଳ ଅଟେ । ସେହି ଆତଙ୍କବାଦୀ ଜଣକ କିଛି କିଣାକିଣି କରିବା ପାଇଁ ମୋ ଦୋକାନକୁ ଆସିଥିଲା । ଏହାପରେ ସେ ଏଣେତେଣେ ଦେଖିବାକୁ ଲାଗିଲା। ହ. ମସିହ୍ ମଉଦ୍ ଅ.ସ ଓ ଖଲିଫାମାନଙ୍କର ଛବି ସେଠାରେ ଅର୍ଥାତ ଦୋକାନରେ ଲାଗିଥିଲା । ସେ ମୋତେ (କାଏଦ୍) ସାହେବଙ୍କୁ ପଚାରିଲା ଯେ, ଏମାନେ ସବୁ କିଏ?  ଏସବୁ ଫଟୋ କାହାର ? ତୁମେ ଏଗୁଡ଼ାକୁ ଦୋକାନରେ କାହିଁକି ଲଗେଇଛି ? ପ୍ରତ୍ୟୁତ୍ତରରେ କାଏଦ୍ ସାହେବ କହିଲେ, ଏ ହେଉଛନ୍ତି ହ. ମସିହ୍ ମଉଦ୍ ଅ.ସ ଓ ତାଙ୍କର ଖଲିଫାବୃନ୍ଦଙ୍କର ଛବି । ସେହି ଆତଙ୍କବାଦୀ ଜଣକ କହିବାକୁ ଲାଗିଲା ଯେ, ନା ଏମାନେ ମୁସଲମାନମାନଙ୍କ ମଧ୍ୟରୁ କିଛି ଲୋକ ଅଟନ୍ତି ଓ ଏମାନେ ଏକତ୍ରିତ ହୋଇ ଦଳେ ଗୋଷ୍ଠୀ ଗଢି ନେଇଛନ୍ତି । ତେଣୁ ଏହି ଲୋକମାନେ କାଫିର୍ (ଅବଜ୍ଞାକାରୀ) ଅଟନ୍ତି । ସେହି ଆତଙ୍କବାଦୀ ଜଣକ ଯିବା ପୂର୍ବରୁ କାଏଦ୍ ସାହେବଙ୍କୁ ଧମକ ଦେଇ କହିଲା, "ଏହି ଫଟୋ ସବୁ ଏଠାରୁ କାଢିଦିଅ ଅନ୍ୟଥା ଆର ଥରକୁ ମୁଁ ଯେତେବେଳେ ଏଠାକୁ ଆସେ ଓ ଏହି ଫଟୋଗୁଡ଼ିକୁ ଦେଖେ ତେବେ ତୁମର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଯିବ । କିନ୍ତୁ ସେ ଯାହା ହେଉ ନା କାହିଁକି କାଏଦ୍ ସାହେବ ସେହି ଫଟୋଗୁଡ଼ିକୁ ସେହିଠାରେ ହିଁ ଲାଗି ରହିବାକୁ ଦେଲେ । କିଛି ଦିନ ପରେ ସେହି ଆତଙ୍କବାଦୀ ଜଣକ ପୁନଃ କାଏଦ୍ ସାହେବଙ୍କ ଦୋକାନକୁ କିଛି କିଣାକିଣି କରିବା ପାଇଁ ଆସିଲା ଏବଂ ଦେଖିଲା ଯେ, ଫଟୋଗୁଡ଼ିକ ସେହି ପଟରେ ଲାଗିଥିବାର ଦେଖିଲା। ଏହା ଦେଖି ସେ ଚାଲିଗଲା । ତେବେ କାଏଦ୍ ସାହେବ ଏହି ଘଟଣା ସଂପର୍କରେ ସେଠାକାର ଲୋକମାନଙ୍କୁ କହିଲେ ଓ ଆହୁରି ଫଟୋ ମାଗିଲେ । ବର୍ତ୍ତମାନ ଭୟ କରିବା ପରିବର୍ତ୍ତେ ସେ କହିଲେ, ମୁଁ ବର୍ତ୍ତମାନ ଅନ୍ୟ ସ୍ଥାନରେ ମଧ୍ୟ ଫଟୋ ଲଗେଇବି। ସେହି ସମସ୍ତ ଅଞ୍ଚଳ ଦୀର୍ଘ କାଳ ଧରି ସେହି ଆତଙ୍କବାଦୀମାନଙ୍କର ଅକ୍ତିଆରରେ ରହିଛି । ସରକାରଙ୍କ ସେଠାରେ କୌଣସି ନିୟନ୍ତ୍ରଣ ନାହିଁ । ସେହି ଅଞ୍ଚଳର ବର୍ଡ଼ର (ସୀମା) ମାଲି ସହିତ ସଂଲଗ୍ନ କିମ୍ବା ଅନ୍ୟ ପାର୍ଶ୍ୱରୁ ଡୋରି ଅଞ୍ଚଳ ନାଇଜିରିଆ ସହିତ ସଂଲଗ୍ନ । ତେବେ ସଂପୂର୍ଣ୍ଣ ଅଞ୍ଚଳ  ସେହି ଆତଙ୍କବାଦୀମାନଙ୍କ ଅକ୍ତିଆରରେ ରହିଛି ।

ସେ ଯାହା ହେଉ ନା କାହିଁକି ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହିମାନେ ହେଉଛନ୍ତି ଅହେମଦିୟତ୍‌ର ଉଜ୍ୱଳ ତାରକା ଯେକି ନିଜ ପଛରେ ଏକ ଉତ୍ତମ ଆଦର୍ଶ ଛାଡ଼ି ଯାଇଛନ୍ତି। ଅଲ୍ଲାଃତାଲା ସେମାନଙ୍କ ସନ୍ତାନ ସନ୍ତତିଙ୍କୁ ମଧ୍ୟ ବିଶ୍ୱାସ ଓ ବିଶ୍ୱସ୍ତତାରେ ଉନ୍ନୀତ କରନ୍ତୁ । ଶତ୍ରୁ ଭାବୁଛି ଯେ, ଏହି ଶୋହଦାମାନଙ୍କ ଶାହାଦତ୍ ଯୋଗୁଁ ଉକ୍ତ ଅଞ୍ଚଳରେ ଅହେମଦିୟତ୍ ସମାପ୍ତ କରିଦେବ, ନା ବରଂ ଏମାନେ ହେଉଛନ୍ତି ଅହେମଦିୟତ୍‌ର ଉଜ୍ୱଳ ତାରକା ଯେକି ନିଜ ପଛରେ ଏକ ଉତ୍ତମ ଆଦର୍ଶ ଛାଡ଼ି ଯାଇଛନ୍ତି । ଅଲ୍ଲାଃତାଲା ସେମାନଙ୍କ ସନ୍ତାନ ସନ୍ତତିଙ୍କୁ ମଧ୍ୟ ବିଶ୍ୱାସ ଓ ବିଶ୍ୱସ୍ତତାରେ ଉନ୍ନୀତ କରନ୍ତୁ । ଶୋକ ସନ୍ତପ ପରିବାରବର୍ଗଙ୍କୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରି ତାଙ୍କର ଗୁରୁଜନମାନେ ଯେଉଁ ଅଭିପ୍ରାୟ ସକାଶେ ନିଜର ପ୍ରାଣବଳୀ ଦେଇଛନ୍ତି ସେହି ବଳିଦାନକୁ ଏହି ନୂତନ ପିଢୀ ହୃଦୟଙ୍ଗମ କରିବାକୁ ଅଲ୍ଲାଃତାଲା ସାମର୍ଥ୍ୟ ପ୍ରଦାନ କରନ୍ତୁ । କିନ୍ତୁ **ଇନ୍‌ଶାଅଲ୍ଲାଃ** ପୂର୍ବାପେକ୍ଷା ଅଧିକ ଅହେମଦିୟତ୍ ଏଠାରେ ବୃଦ୍ଧି ପାଇବ ଓ ସୃଷ୍ଟି ମଧ୍ୟ ହେବ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେଠାରେ ବ୍ୟବସ୍ଥାପିକା କମିଟି ରହିଛି ତା'କୁ ଓ ଅମୀର ସାହେବଙ୍କୁ ମଧ୍ୟ ସେଠାରେ କୂଟନୀତିମୂଳକ ପଦକ୍ଷେପ ଗ୍ରହଣ କରି ତବ୍‌ଲିଗର (ପ୍ରଚାରିକ) କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ଉଚିତ୍ । ଅର୍ଥାତ ଯେଉଁଠି ସେମାନେ ତବ୍‌ଲିଗ୍ କରିବା ଉଚିତ ବୋଲି ଭାବୁଛନ୍ତି ତେବେ ସେଠାରେ ତବ୍‌ଲିଗ୍ କରନ୍ତୁ । ଅଲ୍ଲାଃତାଲା ଶୋକ ସନ୍ତପ ପରିବାରବର୍ଗଙ୍କୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରି ତାଙ୍କର ଗୁରୁଜନମାନେ ଯେଉଁ ଅଭିପ୍ରାୟ ସକାଶେ ନିଜର ପ୍ରାଣବଳୀ ଦେଇଛନ୍ତି ତାହାକୁ ଏହି ନୂତନ ପିଢୀ ହୃଦୟଙ୍ଗମ କରିବାକୁ ଅଲ୍ଲାଃତାଲା ସାମର୍ଥ୍ୟ ପ୍ରଦାନ କରନ୍ତୁ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ: ସେ ଯାହା ହେଉ ନା କାହିଁକି ସେଠାରେ ହିକ୍‌ମତ୍ (କୂଟନୈତିକ) ସ୍ତରରେ ଯୋଜନା ପ୍ରସ୍ତୁତି ମାଧ୍ୟମରେ ଆମମାନଙ୍କୁ କାର୍ଯ୍ୟ କରିବାକୁ ପଡ଼ିବ ।

ଏ ସଂକ୍ରାନ୍ତରେ ମୁଁ ସେମାନଙ୍କୁ ପୂର୍ବେ କହି ସାରିଛି ଯେ, ସେଠାକୁ ଯାଆନ୍ତୁ ଓ ସ୍ଥାନୀୟ ଲୋକମାନଙ୍କୁ ସାକ୍ଷାତ୍ ତଥା ବ୍ୟାପକ ଯୋଜନା ପ୍ରସ୍ତୁତି କରି କୂଟନୈତିକ ସ୍ତରରେ କାର୍ଯ୍ୟ କରନ୍ତୁ । ହୁଜୁର ଅନ୍‌ୱର୍ ଅ.ବ କହିଲେ ଶୋହଦାମାନଙ୍କ ପରିବାରବର୍ଗଙ୍କ ଆବଶ୍ୟକତା ପୂରଣ ନିମନ୍ତେ ଓ ସେମାନଙ୍କୁ ଆତ୍ମ ନିର୍ଭର କରିବା ପାଇଁ ଖଲିଫା ରାବେଙ୍କ (ଚତୁର୍ଥ ଖଲିଫା) ସମୟରେ ସୟେଦିନା ବିଲାଲ୍ ଫଣ୍ଡ ସ୍ଥାପନ କରାଯାଇଥିଲା। ଯାହାର ମୂଳ ଉଦ୍ଦେଶ୍ୟ ହେଲା ଶୋହଦାଙ୍କ ପରିବାର ବର୍ଗଙ୍କ ପ୍ରତିପୋଷଣ ନିମନ୍ତେ ଉକ୍ତ ପାଣ୍ଠିରୁ ଅର୍ଥ ବ୍ୟୟ କରାଯାଇଥାଏ । ଆଜିକାଲି ଉକ୍ତ ଘଟଣା ପରେ କେତେକ ଲୋକମାନେ ବ୍ୟକ୍ତିଗତ ଭାବରେ ମଧ୍ୟ ଓ ଜମାଅତ୍‌ର ସ୍ୱେଚ୍ଛାସେବୀ ସଂଗଠନ ଓ ଜମାଅତ୍ ମଧ୍ୟ ଏମାନଙ୍କର ଆବଶ୍ୟକତାକୁ ପୂରଣ କରିବା ସକାଶେ କିଛି ଆର୍ଥିକ ସହାୟତା ମଧ୍ୟ କରୁଛନ୍ତି । ମର୍କଜ ପକ୍ଷେ ଏହା ଅପରିହାର୍ଯ୍ୟ ଯେ, ଅର୍ଥ ଆସୁ ଅବା ନଆସୁ, ସେହି ଲୋକମାନଙ୍କର ଆବଶ୍ୟକତାର ପୂରଣ ନିମନ୍ତେ ଯତ୍ନବାନ୍ ହେବା ଉଚିତ । **ଇନ୍‌ଶାଅଲ୍ଲାଃ** । ଅତଏବ ଇଚ୍ଛୁକ, ହିତୈଷୀ, ବଦାନ୍ୟ ତଥା ପରୋପକାରୀ ବ୍ୟକ୍ତିମାନେ ଯଦି ଉକ୍ତ ପାଣ୍ଠିକୁ (ଅର୍ଥାତ ବିଲାଲ୍ ଫଣ୍ଡ୍‌ରେ) ନିଜର ଅର୍ଥଦାନ କରିବାକୁ ଚାହୁଁଛନ୍ତି ତେବେ ସେମାନେ ଅବଶ୍ୟ ଉକ୍ତ ପାଣ୍ଠିରେ ଅର୍ଥଦାନ କରିପାରିବେ । ଅର୍ଥ ଦାନ କରିବା ପରେ ମର୍କଜ୍‌କୁ କହି ଦିଅନ୍ତୁ (ଜଣେଇ ଦିଅନ୍ତୁ) ଯେ, ଆମେ ଉକ୍ତ ପାଣ୍ଠିରେ ଅର୍ଥ ପ୍ରେରଣ କରିଦେଇଛୁ । ହୁଜରୁ ଅନ୍‌ୱର୍ ଅ.ବ ଏହି କଥା ସ୍ପଷ୍ଟ କରିଦେଲେ ଯେ, ଆପଣମାନଙ୍କର ବିଲାଲ୍ ଫଣ୍ଡ୍‌କୁ ଅର୍ଥଦାନ କରିବା କୌଣସି ଉପକାର ନୁହେଁ ବରଂ ଏହା ଆମମାନଙ୍କର କର୍ତ୍ତବ୍ୟ ଯେ, ଡୋରି ଅଞ୍ଚଳ ଅନ୍ତର୍ଗତ ମେହଦୀଆବାଦ୍‌ର ସେହି ଶହୀଦ୍ ହୋଇଥିବା ପରିବାରବର୍ଗଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିହବା ସହିତ ସେମାନଙ୍କର ଆବଶ୍ୟକତାକୁ ପୂରଣ କରାଯାଉ। ତେବେ ସେ ଯାହା ହେଉ ନା କାହିଁକି ମର୍କଜ୍ ତଦନୁଯାୟୀ ନିଷ୍ପତ୍ତି ନେବ ।

ହ. ମସିହ୍ ମଉଦ୍ ଅ.ସଙ୍କ ଏକ ଆଲେଖ୍ୟ ସଂକ୍ରାନ୍ତରେ ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ କୁହନ୍ତି : "ତୁମେ ଏହା ଭାବ ନାହିଁ ଯେ, ଭଗବାନ ତମକୁ ଅବକ୍ଷୟ ହେବାକୁ ଦେବେ । ନା, ବରଂ ତୁମେ ପ୍ରଭୁଙ୍କ ହସ୍ତର ଏକ ବୀଜ ବା ବିହନ ପରି ଯାହାକୁ ପ୍ରଭୁ ଭୂମିରେ ବପନ କରିଛନ୍ତି । ପରମେଶ୍ୱର କୁହନ୍ତି ଯେ, ଉକ୍ତ ବୀଜଟି ଅଙ୍କୁରିତ ହେବ, ବୃଦ୍ଧି ପାଇବ ଏବଂ ପ୍ରତ୍ୟେକ ପାର୍ଶ୍ୱରୁ ଏହାର ଶାଖା ପ୍ରଶାଖାମାନ ବାହାରିବ ଓ ଏହା ବିଶାଳ ବୃକ୍ଷରେ ପରିଣତ ହେବ । ପବିତ୍ରବାନ ହେଉଛି ସେହି ବ୍ୟକ୍ତି ଯିଏ ଈଶ୍ୱରଙ୍କ ବାଣୀ ଉପରେ ବିଶ୍ୱାସ ରଖୁଛି ଏବଂ ମଝିରେ ଆସୁଥିବା ବିପତ୍ତିକୁ ଭୟ କରେ ନାହିଁ । କାରଣ ବିପତ୍ତିର ଆସିବା ମଧ୍ୟ ଆବଶ୍ୟକ ଅଟେ । କାରଣ ଅଲ୍ଲାଃତାଲା ତୁମମାନଙ୍କୁ ପରୀକ୍ଷା କରି ଦେଖିବେ ।"

**(ରିସାଲା ଅଲ୍ ୱସିୟତ୍, ରୁହାନୀ ଖଜାଏନ୍, ଭାଗ-20, ପୃ-309)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବଳିଦାନ ଦେଇଥିବା ଏହି ଶୋହଦାମାନେ ଅଗ୍ନୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ବର୍ତ୍ତମାନ ତାଙ୍କ ପରବର୍ତ୍ତୀ ପିଢୀଙ୍କୁ ଏହି ଅଗ୍ନୀ ପରୀକ୍ଷା ଦେବାକୁ ହେବ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ସାମର୍ଥ୍ୟ


**ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି**

"ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

ତାଲିବେ ଦୁଆ: Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)



**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

ତାଲିବେ ଦୁଆ: Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO RN 2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.) INDIA
Postal Reg. No.GDP-40/2023-2025 Vol. 8 Thursday 07-SEPTEMBER 2023 Issue No.-36

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ପ୍ରଦାନ କରନ୍ତୁ ଯେ, ଆମେମାନେ ବିଶ୍ୱାସ ଓ ବିଶ୍ୱସ୍ତତାରେ ଅବିଚଳତା ପ୍ରଦର୍ଶନ କରୁଥିବୁ । **ଆମିନ୍** ।

ହୁଜୁର ଅନ୍‌ୱର୍ ଶୋହଦମାନଙ୍କ ପ୍ରତି ସମବେଦନା ଏବଂ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି ଏହି ଦୁଆ କଲେ ଯେ, ଅଲ୍ଲାଃତାଲା ସେହି ଶୋହଦାମାନଙ୍କର ସ୍ତରକୁ ବୈକୁଣ୍ଠରେ ଉନ୍ନୀତ କରନ୍ତୁ, ସେମାନଙ୍କ ଦ୍ୱାରା ରୋପଣ କରାଯାଇଥିବା ଚାରା ଗଛରେ ଫଳ ଓ ପୁଷ୍ପ ଲାଗୁ । ଫଳତଃ ଆଁହଜରତ ସ.ଅଙ୍କ ଶିକ୍ଷାକୁ ଆମେମାନେ ସମଗ୍ର ପୃଥିବୀରେ ପରିବ୍ୟାପ୍ତ ହେଉଥିବାର ଅବଲୋକନ କରିବୁ । **ଆମିନ୍** ।

ଖୁତ୍‌ବା ଅନ୍ତେ ହୁଜୁର ଅନ୍‌ୱର୍ ଅ.ବ କହିଲେ, ଶୋହଦାମାନଙ୍କର ନମାଜ ଯନାଜାଃ ଗାଏବ ପରେ ଆଉ ଦୁଇ ଜଣ ନୈଷ୍ଠିକ ଅହେମଦିଙ୍କର ଉତ୍ତମ ଚର୍ଚ୍ଚା ଓ ନମାଜ୍ ଯନାଜାଃ ମଧ୍ୟ ରହିଛି । ଆମେରିକାର ଡଃ. କରୀମୁଲ୍ଲାଃ ଜୈର୍‌ୱୀ ଯେକି ସୁଫି ଖୁଦା ବଖ୍‌ଶ୍ ଜୈର୍‌ୱୀ ସାହେବଙ୍କର ସୁପୁତ୍ର ଥିଲେ । କରୀମୁଲ୍ଲାଃ ସାହେବ ଆମେରିକାରେ ରହୁଥିଲେ । ଜାନୁଆରୀ ମାସ 4 ତାରିଖ ଦିନ ତାଙ୍କର ଦେହାନ୍ତ ହୋଇଥିଲା । إِنَّا لِلّٰهِ وَإِنَّا إِلَيْهِ رَاجِعُونَ । ଅଲ୍ଲାଃତାଲାଙ୍କ କୃପାରୁ କରୀମୁଲ୍ଲାଃ ସାହେବ ଓସିୟତ୍ କରିଥିଲେ । ସ୍ୱର୍ଗତ କରୀମୁଲ୍ଲାଃ ସାହେବ ଜୈର୍‌ୱୀଙ୍କ ପିତା ସୁଫି ଖୁଦା ବଖ୍‌ଶ୍ ସାହେବ 17 ବର୍ଷ ବୟସରେ 1928 ମସିହାରେ କାଦିଆନ୍ ଯାଇ ଖଲିଫା ସାନି ର.ଅଙ୍କ ହସ୍ତରେ ବୈଅତ୍ କରିଥିଲେ । ସ୍ୱର୍ଗତ କରୀମୁଲ୍ଲାଃ ସାହେବ ମଲକ୍ ସୈଫୁର୍ ରହେମାନ୍ ସାହେବଙ୍କର ଜ୍ୱାଇଁ ମଧ୍ୟ ଥିଲେ । ସେ ଅତ୍ୟନ୍ତ ବିଦ୍ୱାନ୍ ବ୍ୟକ୍ତି ଥିଲେ । ସେ କେତେକ ପୁସ୍ତକର ରଚୟିତା ମଧ୍ୟ ଅଟନ୍ତି । ଜମାଅତ୍‌ର ନୈସର୍ଗିକ ସେବା କରିବାକୁ ତାଙ୍କୁ ସାମର୍ଥ୍ୟ ଲାଭ ମଧ୍ୟ ହୋଇଥିଲା। ଅଲ୍ଲାଃତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ।

**ଦ୍ୱିତୀୟ ଯନାଜାଃ** ହେଉଛି ଜୈର୍‌ୱୀ ସାହେବଙ୍କ ପତ୍ନୀ ସ୍ୱର୍ଗତା ଅମତୁଲ୍ ଲତିଫ୍ ସାହେବାଙ୍କର । ସ୍ୱର୍ଗତା ଅମତୁଲ୍ ଲତିଫ୍ ସାହେବ ନିଜ ସ୍ୱାମୀଙ୍କ ସହିତ ଆମେରିକାରେ ରହୁଥିଲେ ଓ ସେ ମଲକ୍ ସୈଫୁର୍ ରହେମାନ ସାହେବଙ୍କ ସୁପୁତ୍ରୀ ଥିଲେ । ଜାନୁଆରୀ ମାସ 6 ତାରିଖ ଦିନ ନିଜ ସ୍ୱାମୀଙ୍କ ବିୟୋଗର ଦୁଇ ଦିନ ପରେ ତାଙ୍କର ଦେହାନ୍ତ ହୋଇଥିଲା । إِنَّا لِلّٰهِ وَإِنَّا إِلَيْهِ رَاجِعُونَ । ସ୍ୱର୍ଗତା ଅମତୁଲ୍ ଲତିଫ୍ ସାହେବା ଓସିୟତ୍ କରିଥିଲେ ଏବଂ ମଲକ୍ ସୈଫୁର୍ ରହେମାନ୍ ସାହେବଙ୍କର ସୁପୁତ୍ରୀ ଥିଲେ । ସ୍ୱର୍ଗତାଙ୍କ ମାତାଙ୍କ ନାମ ଅମତୁର୍ ରଶିଦ୍ ଶୌକତ୍ ଥିଲା । ସେ ରବ୍‌ୱାର ମିସ୍‌ବାହ୍ ପତ୍ରିକାର ସମ୍ପାଦିକା ମଧ୍ୟ ରହିଥିଲେ । ସ୍ୱର୍ଗତାଙ୍କ ଜନ୍ମ ସ୍ଥାନ ହେଉଛି କାଦିଆନ୍ । ସ୍ୱର୍ଗତା ଅତ୍ୟନ୍ତ ଜ୍ଞାନରୁଚି ରଖୁଥିବା ମହିଳାଟିଏ ଥିଲେ । ଶିକ୍ଷିତା,ଏମ.ଏସ୍ .ସି କରିଥିଲେ । ଜମାଅତ୍‌ର ସେବା କରିବାକୁ ମଧ୍ୟ ତାଙ୍କୁ ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ଅଲ୍ଲାଃତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ । **ଆମିନ୍** । ସ୍ୱର୍ଗତାଙ୍କ ଭାଇ ମୁଜିବୁର୍ ରହେମାନ୍ ସାହେବ ନିଜର ଭଉଣୀ ଓ ଭିଣୋଇଙ୍କ ସଂପର୍କରେ ମନ୍ତବ୍ୟ ଦିଅନ୍ତି ଯେ, ପରସ୍ପରକୁ ବହୁତ ଭଲ ପାଉଥିବା ପ୍ରେମୀ ଯୁଗଳଟିଏ ଥିଲା । ସେ ବହୁତ ଦୁଃଖ କଷ୍ଟ ସହ୍ୟ କଲେ । କିନ୍ତୁ କେବେ ବି କୌଣସି ବସ୍ତୁ କିମ୍ବା କୌଣସି ପ୍ରସଙ୍ଗ ସଂପର୍କରେ ଅଭିଯୋଗ କଲେ ନାହିଁ । ମୁଁ ତାଙ୍କୁ କୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ ନକାରାତ୍ମକ କଥାବାର୍ତ୍ତା କରୁଥିବାର ଶୁଣି ନାହିଁ । ଉଭୟ ସ୍ୱାମୀ ସ୍ତ୍ରୀ ଜ୍ଞାନର ଅସୀମ ସମୁଦ୍ର ଥିଲେ । ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତି ସହିତ ପ୍ରେମ ଓ ଅନ୍ତରୀକତା ପ୍ରଦର୍ଶନ କରୁଥିଲେ, ଅଭାବି ଲୋକମାନଙ୍କ ଆବଶ୍ୟକତା ପ୍ରତି ଯତ୍ନବାନ୍ ଥିଲେ, ଅସୀମ ପ୍ରେମ ଓ ଦୟା ପ୍ରଦର୍ଶନକାରୀ ଦମ୍ପତ୍ତି ଥିଲେ । **ମାଶାଅଲ୍ଲାଃ** ଉଭୟ ଦମ୍ପତ୍ତି ସର୍ବୋତ୍କୃଷ୍ଟ ଜୀବନ ଅତିବାହିତ କରିଥିଲେ । ସମାଜ ତଥା ନିଜର ପରିବେଶରେ ଅନ୍ୟମାନଙ୍କ ଉପରେ ସକାରାତ୍ମକ ପ୍ରଭାବ ପକାଇଥିଲେ, ବହୁତ ପ୍ରଭାବଶାଳୀ ଦମ୍ପତ୍ତି ଥିଲେ । ଅଲ୍ଲାଃତାଲା ସେମାନଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ସେମାନଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । **ଆମିନ୍** । ☆ ☆ ☆

### ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

**ତାଲିବେ ଦୁଆ:** Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

# ବିଶେଷ ସୂଚନା

## କାଦିଆନ୍ ସ୍ଥିତ ନୁର୍ ହସ୍ପିଟାଲରେ ଜଣେ (X-Ray) ଟେକ୍ନିସିଆନ୍ (ପ୍ରାଯୁକ୍ତିକ/ବୈଷୟିକ କର୍ମୀ)ର ଆବଶ୍ୟକତା ରହିଛି ।

**ସର୍ତ୍ତାବଳୀ:**

(1) ପ୍ରାର୍ଥୀର ବୟସ 37 ବର୍ଷରୁ ଅଧିକ ହୋଇ ନଥିବ (2) ପ୍ରାର୍ଥୀ ଜଣକ କୌଣସି ସରକାରୀ କିମ୍ବା ସରକାରୀ ସ୍ୱୀକୃତ ପ୍ରାପ୍ତ ଅନୁଷ୍ଠାନରୁ ଏକ୍ସ-ରେ ଟେକ୍ନିସିଆନର କୋର୍ସ କରିଥିବା ଉଚିତ୍ ଓ ଏକ୍ସ-ରେ କୋର୍ସ Paramedical Council of Punjabଙ୍କ ଦ୍ୱାରା ଅନୁମୋଦିତ ବା ମାନ୍ୟତା ପ୍ରଦାନ କରୁଥିବା ଉଚିତ୍ (3) ଡାକ୍ତରଙ୍କ ମାର୍ଗଦର୍ଶିକାକୁ ସହଜରେ ପଢିବା ନିମନ୍ତେ ଭଲ ଭାବରେ ଇଂରାଜୀ ଭାଷା ପଢି ପାରୁଥିବା ଉଚିତ୍ (4) ଅଭିଜ୍ଞତା ରଖୁଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ (5) ସାପ୍ତାହିକ ବଦର୍‌ରେ ପ୍ରକାଶିତ ଶେଷ ଏଲାନ୍ (ଘୋଷଣା) ପରେ 2 ମାସ ମଧ୍ୟରେ ପ୍ରାପ୍ତ ଆବେଦନକୁ ହିଁ ବିଚାରକୁ ନିଆଯିବ ବା ଗ୍ରହଣ କରାଯିବ (6) ଇଚ୍ଛୁକ୍ ପ୍ରାର୍ଥୀମାନେ ନିଜର ଆବେଦନ ପ୍ରକାଶିତ ଫର୍ମରେ ନିଜର ଜିଲ୍ଲାଇ ଅମୀର୍/ସ୍ଥାନୀୟ ଅମୀର୍/ସଦର୍ ଜମାଅତ୍/ମୁବଲ୍ଲିଗ୍ ଇନ୍‌ଚାର୍ଜଙ୍କ ପୁଷ୍ଟିଯୁକ୍ତ ହସ୍ତାକ୍ଷର ମୋହର ସହିତ ପ୍ରେରଣ କରିପାରିବେ (7) ଇଣ୍ଟରଭ୍ୟୁ (ସାକ୍ଷାତ୍‌କାର) ରେ ଉନ୍ନୀତ ହେବା ସ୍ଥଳେ ପ୍ରାର୍ଥୀକୁ ନୁର ହସ୍ପିଟାଲ୍‌ରୁ ଡାକ୍ତରୀ ସୁସ୍ଥତାର ଯାଞ୍ଚ ବା ପରୀକ୍ଷା କରିବାକୁ ହେବ ଓ ସେହି ପ୍ରାର୍ଥୀ ସେବା ନିମନ୍ତେ ଯୋଗ୍ୟ ବିବେଚିତ ହେବ ଯିଏ ନୁର ହସ୍ପିଟାଲର୍ ମେଡ଼ିକାଲ ବୋର୍ଡ଼ର କର୍ତ୍ତୃପକ୍ଷଙ୍କ ଦ୍ୱାରା ରିପୋର୍ଟ ଅନୁଯାୟୀ ସ୍ୱାସ୍ଥ୍ୟବାନ୍ ଓ ସୁସ୍ଥ ବୋଲି ବିବେଚିତ ହେବ (8) ଚୟନ ହେବା ସ୍ଥଳେ ପ୍ରାର୍ଥୀକୁ କାଦିଆନ୍‌ରେ ନିଜର ରହଣୀର ସ୍ୱୟଂ ବ୍ୟବସ୍ଥା କରିବାକୁ ପଡ଼ିବ (9) କାଦିଆନ୍‌କୁ ଗମନାଗମନ ଯାତ୍ରା ଖର୍ଚ୍ଚ ଓ ମେଡ଼ିକାଲର ସମସ୍ତ ଖର୍ଚ୍ଚ ଆବେଦନକାରୀ ସ୍ୱୟଂ ବହନ କରିବେ (10) ଉକ୍ତ ପଦ ନିମନ୍ତେ ପ୍ରାର୍ଥୀ ନଜାରତ୍ ଦିୱାନ୍ ପକ୍ଷରୁ ଆବେଦନ ଫର୍ମ ପ୍ରାପ୍ତ କରିପାରିବେ (11) ପ୍ରାର୍ଥୀ ଯେତେବେଳେ ଇଣ୍ଟରଭ୍ୟୁ ନିମନ୍ତେ ଆସିବେ ସେତେବେଳେ ସାଙ୍ଗରେ ନିଜର Original (ମୂଳ ପ୍ରମାଣ ପତ୍ର) ଶିକ୍ଷାଗତ ପ୍ରମାଣ ପତ୍ର ଅବଶ୍ୟ ଆଣନ୍ତୁ ।

**ବି.ଦ୍ର:- ଲିଖିତ ପରୀକ୍ଷା ଓ ସାକ୍ଷାତ୍‌କାର ତାରିଖ ସଂପର୍କରେ ପ୍ରାର୍ଥୀମାନଙ୍କୁ ପରବର୍ତ୍ତୀ ସମୟରେ ସୂଚିତ କରିଦିଆଯିବ ।**

**ଅଧିକ ସୂଚନା ନିମନ୍ତେ ନିମ୍ନ ଲିଖିତ ଠିକଣାରେ ଯୋଗଯୋଗ କରନ୍ତୁ ।**

**ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହେମଦିୟା କାଦିଆନ୍, ପୋ: କାଦିଆନ୍, ପିନ୍ କୋଡ୍: 143516-, ଯୋଗାଯୋଗ: / 09646351280 09682587713, କାର୍ଯ୍ୟାଳୟ ଯୋଗାଯୋଗ ନଂ: 501130-01872,**
E-mail: diwan@qadian.in

## ପୃ -2 ର ଅବଶିଷ୍ଟାଂଶ...........

ସଂଖ୍ୟାଲଘୁ ଉନ୍ନୟନ ମନ୍ତ୍ରାଳୟ ଆନ୍ଧ୍ରପ୍ରଦେଶର ମୁଖ୍ୟ ଶାସନ ସଚିବଙ୍କୁ ଏକ ପତ୍ର ପ୍ରେରଣ କରି ତାଙ୍କୁ ଏ ସଂକ୍ରାନ୍ତରେ ହସ୍ତକ୍ଷେପ କରିବା ନିମନ୍ତେ ଇଚ୍ଛା ପ୍ରକାଶ କରିଥିଲା । ଏ ବାବଦରେ ସମ୍ବାଦ ପତ୍ରରେ ଯେତେବେଳେ ଖବର ପ୍ରକାଶ ପାଇଲା ସେତେବେଳେ ସାଧାରଣ ମୁସଲମାନମାନଙ୍କ ପାଇଁ ଏକ ଅଶାନ୍ତି ସୃଷ୍ଟି ହୋଇଗଲା ଓ ଆନ୍ଧ୍ରପ୍ରଦେଶର ମୁସଲମାନମାନେ ଉକ୍ତ ପରିସ୍ଥିତିକୁ ସମ୍ମୁଖୀନ ହେବା ନିମନ୍ତେ ବିଶେଷ କରି ହାଇଦ୍ରାବାଦର ବିଦ୍ୱାନ୍‌ମାନଙ୍କ ଆଡ଼କୁ ଦେଖିବାକୁ ଲାଗିଲେ ଯେ, ସେମାନେ ଏହା ଉପରେ କ'ଣ ପଦକ୍ଷେପ ନେଉଛନ୍ତି ? କିନ୍ତୁ ବଡ଼ ଦୁଃଖ ଓ ପତରିତାପର ବିଷୟ ଯେ, କେବଳ ଅଞ୍ଜୁମନ୍ ତହଫୁଜେ ଖତ୍‌ମେ ନବୁୱତ୍ ବ୍ୟତୀତ ଅନ୍ୟ କୌଣସି ଧାର୍ମିକ ସଂଗଠନ ଏହାର ସଂଜ୍ଞାନ ନେଲେ ନାହିଁ । ଜମିଅତୁଲ୍ ଉଲମାଏ ହିନ୍ଦ୍, ଜମାଅତ୍ ଇସ୍‌ଲାମୀ, ଜମିଅତ୍ ଏହ୍‌ଲେ ହଦିସ୍ ଓ ସୁନ୍ନୀ ବିଦ୍ୱାନ କୈଉନସିଲ୍ (ଅବଶିଷ୍ଟାଂଶ ପରବର୍ତ୍ତୀ ସଂଖ୍ୟାରେ.....) ☆☆☆

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan